ଧରିତ୍ରୀ
DHARITRI
September 1-7, 2024 ₹ 2/-

ଧରିତ୍ରୀ
DHARITRI
50 Years

ଛୁଟିଦିନ

# ମାର୍ଗ ଦର୍ଶକ



ପ୍ରଚ୍ଛଦ ପ୍ରସଙ୍ଗ

୩




ଅବସର ପରେ ବି ଏମାନେ ବେଶ୍ ଚଳଚଞ୍ଚଳ। ନିଜ ବିଶ୍ରାମ କଥା ଚିନ୍ତା ନ କରି, ଚିନ୍ତା କରନ୍ତି ଯୁବ କ୍ରୀଡ଼ାବିତ୍ ଓ ଚାକିରି ଆଶାୟୀ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇ କେମିତି ସେମାନଙ୍କ ଭବିଷ୍ୟତ ଗଢିବେ..

# ଲିଭିଂ ରୁମ୍‌କୁ ସଜାଇବେ କେମିତି

ଲିଭିଂ ରୁମ୍ ଘରର ଏମିତି ଏକ ଅଂଶ ; ଯାହାର ସାଜସଜ୍ଜାକୁ ଦେଖିଲେ ପରିବାର ସଦସ୍ୟଙ୍କ ବୈଭବ, ସମ୍ପନ୍ନତା ଓ ମାନସିକତାକୁ ଠଉରେଇ ହୁଏ। ସେଥିପାଇଁ ଲିଭିଂ ରୁମ୍‌ର ସାଜସଜ୍ଜାକୁ ନେଇ ପ୍ରାୟ ଲୋକ ସଚେତନ ରହିଥାନ୍ତି। କିନ୍ତୁ ବେଳେବେଳେ ଛୋଟମୋଟ ବାସ୍ତୁଦୋଷ ଯୋଗୁ ଏହି ରୁମ୍‌କୁ ନେଇ ଅନେକ ସମସ୍ୟା ଉପୁଜିଥାଏ। ଜାଣନ୍ତୁ ଏହାର ପ୍ରତିକାର ସମ୍ପର୍କରେ...



* ଲିଭିଂ ରୁମ୍‌ରେ ବିମ୍ ଥିଲେ, ଠିକ୍ ତା'ତଳକୁ ସୋଫା ପକାନ୍ତୁ ନାହିଁ। କାରଣ ବିମ୍ ତଳେ ବସାଉଠେ କଲେ ମନ ଭାରାକ୍ରାନ୍ତ ରହିଥାଏ ବୋଲି ବିଶ୍ୱାସ କରାଯାଏ।
* ଲିଭିଂ ରୁମ୍‌ର ପୂର୍ବ ଦିଗରେ ଝରକା ଥିଲେ, ଘରେ ସକାରାତ୍ମକ ଉର୍ଜ୍ଜାର ପ୍ରଭାବ ବଢ଼ିଥାଏ।
* ଟିଭି/ମ୍ୟୁଜିକ୍ ସିଷ୍ଟମ କିମ୍ବା ଅନ୍ୟ ଯେକୌଣସି ଇଲେକ୍ଟ୍ରୋନିକ୍ସ ଉପକରଣକୁ ଲିଭିଂ ରୁମ୍‌ର ଦକ୍ଷିଣ ଦିଗରେ ରଖିବା ଶୁଭ ହୋଇଥାଏ।
* ଲିଭିଂ ରୁମ୍‌ରେ ସିଲିଂ କରିଥିଲେ ସେଠାରେ ଗୋଟିଏ ଝୁମର୍ ନ ଲଗାଇ ଦୁଇଟି ଝୁମର୍ ଏପରି ଲଗାଇବେ, ଯେମିତି ସିଲିଂର ମଝିଅଂଶ ଫାଙ୍କା ଲାଗୁଥିବ। ଏହା ବି ଶୁଭଫଳ ଦେଇଥାଏ।
* ଲିଭିଂ ରୁମ୍‌ରେ ସବୁବେଳେ କିଛି ତାଜା ଫୁଲ ରଖୁଥିଲେ, ପରିବାର ସଦସ୍ୟଙ୍କ ଭିତରେ ସମ୍ପର୍କ ଭଲ ରହେ ବୋଲି ବିଶ୍ୱାସ ରହିଛି।
* ଏହି ରୁମ୍‌ରେ ଧଳା/ହାଲ୍‌କା କମଳା/ହଳଦିଆ/ନୀଳ/ସବୁଜ ରଙ୍ଗର ପ୍ରୟୋଗ କରିବା ଶୁଭଙ୍କର ହୋଇଥାଏ।
* ଲିଭିଂ ରୁମ୍‌ର ଝରକା ଓ କବାଟରେ ମ୍ୟାଚିଂ କଲର୍‌ର ସ୍କ୍ରିନ୍ ଟାଙ୍ଗିଲେ ଭଲ ଦେଖାଯାଇଥାଏ।
* ଏହି ରୁମ୍‌ର କାନ୍ଥରେ ହଂସର ଛବି ହେଉ କିମ୍ବା ହସ ହସ ମୁହଁବାଲା ପୂରା ପରିବାରର ଫଟୋ ଲଗାଇଲେ ସକାରାତ୍ମକ ପ୍ରଭାବ ପଡ଼େ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ସେପ୍ଟେମ୍ବର ୧-୭**

### ମେଷ



ସୁସ୍ଥ ମାନସିକତା, ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ, ବନ୍ଧୁଙ୍କ ପ୍ରିୟଭାଜନ ହେବେ, ଅର୍ଥ ସାହାଯ୍ୟ ପାଇବେ, ପାରିବାରିକ ସଦ୍‌ଭାବ ବୃଦ୍ଧି, ସାହିତ୍ୟ ସଂସ୍କୃତିରେ ଅଭିରୁଚି, ପର୍ଯ୍ୟଟନର ସୁବିଧା, ପଡୋଶୀଙ୍କ ଇର୍ଷା, ସନ୍ତାନହେତୁକ ଗୌରବ, ଖୁସି ଖବର ପ୍ରାପ୍ତି॥

### ବୃଷ



କର୍ମକ୍ଷେତ୍ରରେ ପ୍ରଭାବ ବୃଦ୍ଧି, ସାମାଜିକ ସ୍ତରରେ ସମ୍ମାନ, ବିଦେଶଯାତ୍ରାର ସୁଯୋଗ, ଇର୍ଷାପରାୟଣ ବ୍ୟକ୍ତିଙ୍କ କଟୁକ୍ତି, ପାରିବାରିକ କଳହ, ନୀଚଜନ ସମ୍ପର୍କରୁ ନିନ୍ଦା ପାଇପାରନ୍ତି, ବିଳାସ ବ୍ୟସନ ଉପକରଣ ପ୍ରାପ୍ତି॥

### ମିଥୁନ



ବନ୍ଧୁଙ୍କ ସାହାଯ୍ୟ ସହଯୋଗ, ବିଗତ ଘଟଣାର ସମୀକ୍ଷା, ବୈଷୟିକ ଉନ୍ନତି, ପ୍ରଶଂସିତ ହେବେ, ବାଧ ବାଧକତାରେ କାମ, ମିତ୍ରତା ବୃଦ୍ଧି ଘଟିବ, ବ୍ୟବସାୟରେ ପ୍ରତିବନ୍ଧକ, ଆନୁଷ୍ଠାନିକ କର୍ମାରମ୍ଭ, ଧର୍ମାନୁଷ୍ଠାନର ନେତୃତ୍ୱ॥

### କର୍କଟ



ଶାରୀରିକ ସୁସ୍ଥତା, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ଅଳଙ୍କାର ବ୍ୟବସାୟରେ ଉନ୍ନତି, କର୍ମକ୍ଷେତ୍ରରେ ମନସ୍ତାପ, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ଅର୍ଥ ସଂକଟ ଲାଗି ରହିବ, ମାଲି ମକଦ୍ଦମାରେ ବିଜୟ॥

### ସିଂହ



ବ୍ୟୟବହୁଳ ଯାତ୍ରା, କର୍ମକ୍ଷେତ୍ରରେ ଯଶ ଖ୍ୟାତି, ହୋଟେଲ ବ୍ୟବସାୟରୁ ଲାଭ, ଋଣ ପରିଶୋଧର ଚିନ୍ତା, ପୈତୃକ ସମ୍ପତିରେ ବିବାଦ, ପୁରାତନ ରୋଗପୀଡା ବୃଦ୍ଧି, ମାମଲାରେ ବିଜୟ, ସାଂଗଠନିକ କ୍ଷେତ୍ରରୁ ପ୍ରଶଂସା, ପ୍ରତିଯୋଗୀତାରେ ସଫଳତା॥

### କନ୍ୟା



ବିଳାସରେ ବିମୁଖତା, ଅର୍ଥଲାଭରୁ ନୂଆ ଯୋଜନା, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସାମାଜିକ ସମ୍ମାନ, ପରୋପକାରରୁ ପ୍ରଶଂସା, ଦେହସୁସ୍ଥ ରହିବ, କୃଷି ବାଣିଜ୍ୟରେ ଉନ୍ନତି, ଭ୍ରାତୃସମ୍ପର୍କ ହ୍ରାସ, କଚେରୀ ମାମଲାରୁ ଦୁଃଶ୍ଚିନ୍ତା, ରାଜନୈତିକ ସମସ୍ୟା॥

### ତୁଳା



ନୂତନ ଯୋଜନାରମ୍ଭ, ବ୍ୟାଙ୍କ ଋଣ ପାଇବେ, ସମ୍ପର୍କୀୟଙ୍କ ଅନୁକମ୍ପା, ମନୋବଳ ବୃଦ୍ଧି, ଖଳ ଲୋକଙ୍କ ଅପନିନ୍ଦା, ଭାତୃ ସମ୍ପର୍କରେ ନ୍ୟୁନତା, ଯାନବାହାନରେ ତ୍ରୁଟି, ବନ୍ଧୁଙ୍କ ସ୍ୱାସ୍ଥ୍ୟହାନୀ, ଲୋକ ସମ୍ପର୍କ ବଢିବ॥

### ବିଛା



ନିରାଶାର ପରିସମାପ୍ତି, ସରକାରୀ ସ୍ତରରୁ ସୁବିଧା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ସଭା ସମିତିକୁ ଆହ୍ୱାନ, ଗବେଷଣାରେ ସଫଳତା, ପରିବହନରେ ବିବାଦ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ମାଦକ ଦ୍ରବ୍ୟର ଦୁଃପରିଣାମ, ଶେୟାର ବଜାରରେ ଉନ୍ନତି, ନୂତନବନ୍ଧୁ ସମ୍ପର୍କ ସ୍ଥାପନ॥

### ଧନୁ



ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟଙ୍କ ସୁପରାମର୍ଶ, ସନ୍ତୁଳିତ ମାନସିକ ସ୍ଥିତି, ଗୃହ ଭୂମି କ୍ରୟ ବିକ୍ରୟ, ପ୍ରକାଶନରେ ବିଳମ୍ବ, ସାଂଗଠନିକ ସଭାସମିତି, କାର୍ଯ୍ୟଦକ୍ଷତାରୁ ସୁନାମ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଅର୍ଥସମ୍ପର୍କୀୟ ବିବାଦ, ପ୍ରତିବନ୍ଧକ ଦୂର ହେବ॥

### ମକର



କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ବୈଷୟିକ ଉନ୍ନତି, ବନ୍ଧୁଙ୍କ ସହଯୋଗ, ପୁରାତନ ରୋଗର ପ୍ରାଦୁର୍ଭାବ, ମାନସିକ ଦୁଃଶ୍ଚିନ୍ତା, ଯାତ୍ରାରେ ବୃଥା ଆଶଙ୍କା, ନିର୍ମାଣରେ ବିବାଦ, ପରିବହନରେ ସମସ୍ୟା, ବ୍ୟବସାୟିକ ସଫଳତା, ସାଂସ୍କୃତିକ କାର୍ଯ୍ୟାରମ୍ଭ, କଳାସାହିତ୍ୟରେ ପ୍ରଶଂସା॥

### କୁମ୍ଭ



ବନ୍ଧୁଙ୍କ ଉଦାରତା, ନୂତନ ଯୋଜନାରମ୍ଭ, ପାରିବାରିକ ସହମତି, ଯାନ୍ତ୍ରିକ ଜିନିଷ କ୍ରୟ, ପାରିବାରିକ ମତାନ୍ତର, ବୈବାହିକ ସମ୍ପର୍କରେ ଅଗ୍ରଗତି, ଲେଖାପଢାରେ ଉନ୍ନତି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ପରୋକ୍ଷ ଶତ୍ରୁତା॥

### ମୀନ



ସମୟାନୁବର୍ତ୍ତିତାରୁ ପ୍ରଶଂସା, ସମାଜ ସେବାରୁ ସୁନାମ, ପରିଭ୍ରମଣର ସୁଯୋଗ, ଅସଫଳତାରୁ ଅଶାନ୍ତି, କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା, ବନ୍ଧୁଙ୍କ ଅନାଦର, ସହକର୍ମୀଙ୍କ ଅସହଯୋଗ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ବନ୍ଧୁମିଳନର ଆୟୋଜନ, ତୀର୍ଥାଟନର ସୁଯୋଗ॥

# ପ୍ରଭୁ ଗଣେଶଙ୍କର କେଉଁ ଫୁଲ ପ୍ରିୟ

ଫୁଲକୁ ଶୁଦ୍ଧତା ଓ ପବିତ୍ରତାର ପ୍ରତୀକ ବୋଲି କୁହାଯାଇଥାଏ। ଖାସ୍ ଏହି କାରଣ ପାଇଁ ଦେବଦେବୀଙ୍କ ପୂଜା ହେଉ ଅଥବା ଅନ୍ୟ ଯେକୌଣସି ଶୁଭକାର୍ଯ୍ୟରେ ଫୁଲର ଆବଶ୍ୟକତା ପଡ଼ିଥାଏ। ତେବେ ପ୍ରତି ଦେବଦେବୀଙ୍କର କିଛି ଖାସ୍ ପ୍ରିୟ ଫୁଲ ଥାଏ ; ଆଉ ତାଙ୍କ ମନ ଜାଣି ଫୁଲ ଅର୍ପଣ କଲେ ଆଶୀର୍ବାଦପ୍ରାପ୍ତ ହୋଇଥାଏ। ଯେମିତିକି ପ୍ରଭୁ ଗଣେଶଙ୍କର ନାଲିରଙ୍ଗର ଫୁଲ ଖୁବ୍ ପସନ୍ଦ। ଖାସ୍‌କରି ନାଲି ମନ୍ଦାର ପ୍ରଭୁ ଗଣେଶଙ୍କୁ ଅର୍ପଣ କଲେ ଜୀବନରେ ଉନ୍ନତି ଆସିଥାଏ ବୋଲି ବିଶ୍ୱାସ ରହିଛି। ଏହାଛଡ଼ା ଗେଣ୍ଡୁଫୁଲ, ପାରିଜାତ, ଅପରାଜିତା, ମଲ୍ଲି ତଥା ହଳଦିଆ ରଙ୍ଗର ସେବତୀ ଫୁଲ ବି ପ୍ରଭୁ ଗଣେଶଙ୍କୁ ଅର୍ପଣ କରିପାରିବେ। ବିଶ୍ୱାସ ରହିଛି, ପ୍ରଭୁ ଗଣେଶଙ୍କୁ ହଳଦିଆ ସେବତୀ ଅର୍ପଣ କଲେ କୁଦୃଷ୍ଟିରୁ ରକ୍ଷା ମିଳିଥାଏ। ମଲ୍ଲିଫୁଲ ଅର୍ପଣ କଲେ ସୁଖଶାନ୍ତି ବୃଦ୍ଧି ପାଇଥାଏ। ଅନ୍ୟପକ୍ଷେ ଗେଣ୍ଡୁଫୁଲ ଅର୍ପଣ କଲେ ସକାରାତ୍ମକ ଭାବନା ବୃଦ୍ଧି ପାଉଥିବାବେଳେ ପାରିଜାତ ଫୁଲ ସୌଭାଗ୍ୟକୁ ଆମନ୍ତ୍ରିତ କରିଥାଏ। ସେହିପରି ଅପରାଜିତା ଫୁଲ ଅର୍ପଣ କରି ପ୍ରଭୁ ଗଣେଶଙ୍କୁ ଭକ୍ତିର ସହ ପୂଜିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।



# ପାଠକୀୟ

* ଦିନ ଥିଲା ବର୍ଷା ପରେ ପରେ ପ୍ରାୟତଃ ଦେଖିବାକୁ ମିଳୁଥିଲା ଇନ୍ଦ୍ରଧନୁ। ହେଲେ ଏବେ ସତେ ଯେମିତି ହଜିଯାଇଛି ପ୍ରକୃତିର ଏହି ଅପୂର୍ବ ବର୍ଣ୍ଣବିଭା। ତେଣୁ ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କାହିଁ ସେ ଇନ୍ଦ୍ରଧନୁ' ପାଠଟି ବେଶ୍ ମନଛୁଆଁ ହୋଇଥିଲା। 'ରାଶି ଅନୁଯାୟୀ ରାଖୀର ରଙ୍ଗ', 'ରାଖୀ ବାନ୍ଧିବା ପୂର୍ବରୁ କରନ୍ତୁ ଏହି ଦେବତାଙ୍କ ପୂଜା' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***– ବିପିନ ବିହାରୀ ସ୍ୱାଇଁ, ରସୁଲଗଡ଼, ଭୁବନେଶ୍ୱର***

* ଇନ୍ଦ୍ରଧନୁ! ପ୍ରକୃତିର ଏକ ଅନନ୍ୟ ବିସ୍ମୟ। ଲାଗେ ସତେ ଯେମିତି କେଉଁ ଏକ ଚିତ୍ରକର ଆକାଶ ଛାତିରେ ଆଙ୍କି ଦେଇଛି ସାତରଙ୍ଗର ଏହି ସୁନ୍ଦର ଚିତ୍ରକୁ ଅବା ପକାଇଛି ରଙ୍ଗୋଲିଟିଏ। ସାତରଙ୍ଗର ଏହି ଆଭା ଛୋଟରୁ ବଡ଼ ସମସ୍ତଙ୍କୁ କରେ ମତୁଆଲା। ହେଲେ ଏବେ ସତେ ଯେମିତି ଏହା ହଜିଯାଇଛି କେଉଁଠି। ତେଣୁ ଏଭଳି ଏକ ସମୟୋପଯୋଗୀ ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କାହିଁ ସେ ଇନ୍ଦ୍ରଧନୁ' ଶୀର୍ଷକ ପାଠଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଭାଇଭଉଣୀଙ୍କ ମ୍ୟାଚିଂ ଟି-ଶାର୍ଟ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା।

***– ରଶ୍ମିତା ପ୍ରଧାନ, ସୋର, ବାଲେଶ୍ୱର***

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଡ.ସୁରେଶ ଛୋଟରାୟଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ନିଷ୍ପତ୍ତି' ଶୀର୍ଷକ ଗପଟି ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ରହସ୍ୟ ଖୋଲିଲେ ରଣବୀର', 'ଦୋଛକିରେ କିଆରା', ଆଦି ପାଠଗୁଡ଼ିକ ମନଛୁଆଁ ହେବା ସହ ହୃଦୟସ୍ପର୍ଶୀ ଥିଲା।

***– ପ୍ରଭାତି ସାହୁ, ମୟୂରଭଞ୍ଜ***

* ଶିକ୍ଷାବିତ୍ ଶ୍ରୀହର୍ଷ ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା। ସାଥୀର ଉତ୍ତରଗୁଡ଼ିକ ରୋମାଣ୍ଟିକ୍‌ଭରା ଲାଗୁଥିଲା। ନୃତ୍ୟଶିଳ୍ପୀ ମେଘାମ୍ବରୀ ପ୍ରଧାନ ଓ ଚିତ୍ରଶିଳ୍ପୀ ପ୍ରକାଶ ପରିଡ଼ାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଆଞ୍ଚଲ ବେଶ୍ ସୁନ୍ଦରୀ ଲାଗୁଥିଲେ।

***– ସ୍ୱୟଂ ପ୍ରକାଶ ମହାପାତ୍ର, ଭବାନୀପାଟଣା***

* ବର୍ଷାଦିନେ କେଉଁ ସ୍ଥାନକୁ ବୁଲି ଯାଇହେବ ସେ ସମ୍ପର୍କରେ ସହର ପୃଷ୍ଠାରୁ ଜାଣିହେଲା। ବିବିଧା ପୃଷ୍ଠାରୁ 'ପୂଜାବ୍ରତରେ କାହିଁକି ପିଆଜ ରସୁଣ ମନା' ପାଠଟି ପଢି ଖୁସି ଲାଗିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଅଜବ କାରନାମା', 'ଭାଇର ତ୍ୟାଗ', 'କରତରେ ଜଗଲିଂ' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ଥିଲା।

***– ସୁନନ୍ଦା ପାଢ଼ୀ, କେନ୍ଦ୍ରାପଡ଼ା***

## ବିଶେଷ ଚିଠି




କାହିଁ ସେ ଇନ୍ଦ୍ରଧନୁ ଶୀର୍ଷକକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରି ନିଆରା
ମନେ ଭରି ଅପୂର୍ବ ଆନନ୍ଦ।
ସହରରୁ ଦୂର, ସାଥୀ ଓ ସୃଜନ
ଥିଲା ବଡ଼ ଚମତ୍କାର,
ତା'ସାଙ୍ଗକୁ ପୁଣି ମନ ମୋହୁଥିଲା
ତୁମ ପ୍ରଥମ ରୋଜଗାର।
ସତରେ ଛୁଟିଦିନ
ତୁମେ ସର୍ବ ବିଦ୍ୟମାନ।

***– ଗୌରୀ ଶଙ୍କର ମହାନ୍ତି, ପଳାଶୁଣି, ଭୁବନେଶ୍ୱର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମାର୍ଗ ଦର୍ଶକ



ସମସ୍ତେ ଅବସର ନେଇ ସାରିଛନ୍ତି। କିନ୍ତୁ ନିଜ ବିଶ୍ରାମ କଥା ଚିନ୍ତା ନ କରି ଚିନ୍ତା କରିଛନ୍ତି କିପରି କ୍ରୀଡ଼ାବିତ୍ ଓ ଚାକିରି ଆଶାୟୀ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କ ଭବିଷ୍ୟତ ଗଢିବେ। ସେଥିପାଇଁ ନିଃସ୍ୱାର୍ଥପର ଭାବରେ ସମ୍ପୂର୍ଣ୍ଣ ମାଗଣାରେ ସେମାନେ ତାଲିମ ଦେଇ ଚାଲିଛନ୍ତି



**ଯେ**ଉଁ ବୟସରେ ସାଧାରଣତଃ ବିଶ୍ରାମ ନେବାକଥା ଚିନ୍ତା କରନ୍ତି ସେହି ବୟସରେ ସେମାନେ ଚିନ୍ତା କରୁଛନ୍ତି କେମିତି ପ୍ରଶିକ୍ଷଣ ଦେବେ। ଏମିତି ଏକ ଭାବନା ରଖି ଏମାନେ କ୍ରୀଡ଼ାବିତମାନଙ୍କୁ ତାଲିମ ଦେବା ସହ ଚାକିରି ଆଶାୟୀ ପିଲାମାନଙ୍କୁ ମଧ୍ୟ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି। ଏମିତି କେତେଜଣ ଗୁରୁଙ୍କ ସମ୍ପର୍କରେ...

**ଉତ୍ତମ କ୍ରୀଡ଼ାବିତ୍ ଗଢିବା ମୋର ଲକ୍ଷ୍ୟ:** ୧୦ବର୍ଷ ଧରି ସେ ଓଡ଼ିଶା ଦଳର ବିଭିନ୍ନ ବର୍ଗର ଖେଳ ପାଇଁ କୋଚ୍ ଭାବେ କାର୍ଯ୍ୟ କରିଥିଲେ। ସମୟକ୍ରମେ ବିଭିନ୍ନ ଜିଲାରେ ଜିଲା କ୍ରୀଡ଼ା ଅଧିକାରୀଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ହେଲେ **ଲଳିତେନ୍ଦୁ ମହାନ୍ତି** ଓରଫ ଲଳିତ ମହାନ୍ତି। ଜନ୍ମ ୧୫।୮।୧୯୬୨ରେ। ପିତା ଗୋପୀନାଥ ମହାନ୍ତି, ମାତା ହେମଲତା ମହାନ୍ତି। ଘର କଟକ ଜିଲାର ସାଲେପୁର ବ୍ଲକ ଅନ୍ତର୍ଗତ ସୌରୀ ଗାଁରେ। ସେ କୁହନ୍ତି, 'ପିଲାଟି ଦିନରୁ ସ୍କୁଲରେ ଖେଳ ପିରିୟଡ୍‌ରେ ବିଭିନ୍ନ ଖେଳ ଖେଳୁଥିଲୁ। କ୍ରିକେଟ ସହିତ ହକି ଖେଳୁଥିଲୁ। ମାତ୍ର କ୍ରିକେଟ ଖେଳପ୍ରତି ମୋର ଅଧିକ ଦୁର୍ବଳତା ରହିଥିଲା। କଲେଜ ସମୟରେ ମଧ୍ୟ ଖେଳିବା ସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଥିଲି। ଖେଳରେ ଆଗକୁ ଯିବା ପାଇଁ ପଞ୍ଜାବର ପଟିଆଲାଠାରେ ଥିବା ଭାରତୀୟ କ୍ରୀଡ଼ା ଓ ଯୁବବିଭାଗ ତରଫରୁ ପରିଚାଳିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସରେ କ୍ରିକେଟ ଖେଳର କୋର୍ସ କରିଥିଲି। ଏହାପରେ ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏଶନରେ ସ୍ଥାନ ପାଇଲି । ଏଠାରୁ କଟକ ଆସି ବାରବାଟୀ କ୍ରୀଡ଼ା ଆସୋସିଏଶନରେ ଯୋଗଦେଲି। ପରେ (ବିସିସିଆଇ)ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଅଧୀନରେ କୋଚ୍‌ଭାବେ କାର୍ଯ୍ୟ କଲି। ସମୟକ୍ରମେ ୧୯୯୨ରୁ ରାଜ୍ୟସରକାରଙ୍କ କ୍ରୀଡ଼ାବିଭାଗରେ ଚାକିରି କଲି। ଓଡ଼ିଶା କ୍ରିକେଟ ଦଳରେ କୋଚ୍ ଭାବେ ପ୍ରାୟ ୧୦ବର୍ଷ ଧରି କାର୍ଯ୍ୟ କରିଥିବାର ଅଭିଜ୍ଞତା ବି ରହିଛି। ମୋ ତାଲିମରେ ବହୁ କ୍ରୀଡ଼ାବିତ ସଫଳ ହେବାପରେ ମୋ ଭିତରେ ଉତ୍ସାହ ଆସିଥିଲା। ଜିଲା କ୍ରୀଡ଼ା ଅଧିକାରୀଭାବେ କାର୍ଯ୍ୟ କରିବାରେ ସେହି ସବୁ ଅଞ୍ଚଳର ନୂଆନୂଆ କ୍ରୀଡ଼ାପ୍ରତିଭାଙ୍କୁ ଚିହ୍ନଟ କରିବା ମୋ ପାଇଁ ଆଶୀର୍ବାଦ ଥିଲା। ୨୦୨୨ମସିହାରୁ ସରକାରୀ ଚାକିରିରୁ ଅବସର ନେଇସାରିଲିଣି। ଏବେ ବୟସ ପ୍ରାୟ ୬୩ବର୍ଷ ହେବ, କିନ୍ତୁ ମୋର ଏହି କ୍ରୀଡ଼ା ଅଭ୍ୟାସ ଚାଲୁରହିଛି । ପ୍ରତିଦିନ ବଡ଼ିଭୋରରୁ ପୋଖରିପୁଟ ମଧୁସୂଦନ ପାର୍କ ଆଡ଼େ ଯାଏ ସେଠାରେ ନିୟମିତି ନିଜର କ୍ରୀଡ଼ା ଅଭ୍ୟାସ କରିଥାଏ। ସକାଳୁ ପ୍ରାୟ ୪୦ ମିନିଟ ଯାଏ ଚାଲିଥାଏ। ଅପରାହ୍ନ ସମୟରେ ପ୍ରାୟ ୫ଟାରୁ ହାଇଟେକ୍ ମେଡିକାଲ ହଷ୍ଟେଲର କ୍ରିକେଟ ପଡ଼ିଆରେ ପହଞ୍ଚି ଥାଏ । ସେଠାରେ ଅପେକ୍ଷା କରିଥିବା ପିଲାମାନଙ୍କୁ ଖେଳ ଅଭ୍ୟାସ ସମେତ କ୍ରିକେଟ ଖେଳର କୌଶଳ ବିଷୟରେ କୋଚିଂ ଦେଇଥାଏ। ଏଥିପାଇଁ ପ୍ରଥମେ ନିଜେ ଫିଟ୍ ରହିବାକୁ ପଡ଼େ । ବିଶେଷକରି ନିରାମିଷ ଖାଦ୍ୟ ଖାଇବାକୁ ବେଶି ପସନ୍ଦ କରିଥାଏ। ଦ୍ୱିପ୍ରହରରେ ଖାଦ୍ୟ ଖାଇଲାପରେ ପ୍ରାୟ ୪୦ମିନିଟ ବିଶ୍ରାମ ନେଇଥାଏ। ସନ୍ଧ୍ୟାରେ ଅଳ୍ପ ଜଳଖିଆ ଖାଏ । ରାତି ପ୍ରାୟ ୧୧ ସମୟକୁ ବିଶ୍ରାମ ନେଇଥାଏ। ଚାକିରି ଜୀବନର ୩୦ ବର୍ଷ ମଧ୍ୟରେ ବିଭିନ୍ନ ଜିଲାର ଅନେକ କ୍ରୀଡ଼ା ପ୍ରତିଭାଙ୍କୁ କ୍ରିକେଟ ଖେଳର ତାଲିମ ଦେଇଥିବା ବେଳେ କ୍ରିକେଟ ଖେଳ ପାଇଁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ଏମିତି କିଛି ଅଭିଜ୍ଞତାକୁ ନେଇ ମୋର ଏକ ୱେବ୍ ଚ୍ୟାନେଲ କରିଛି, ସେଥିରୁ ଅନେକ ଜାଣିପାରୁଛନ୍ତି।

**ମୋତେ ମାନସିକ ଶାନ୍ତି ମିଳୁଛି:** ପ୍ରତିଦିନ ସକାଳୁ ସକାଳୁ ଭୁବନେଶ୍ୱର ନିକୋପାର୍କ ରାସ୍ତାକଡ଼ରେ ଦେଖିବାକୁ ମିଳେ ପ୍ରାୟ ୪୦/୫୦ଜଣ ଯୁବକ ବିଭିନ୍ନ କ୍ରୀଡ଼ା ଅଭ୍ୟାସ କରୁଥାନ୍ତି। ଏମାନଙ୍କୁ ଜଣେ ୭୦ ବର୍ଷୀୟ ବ୍ୟକ୍ତି ପ୍ରଶିକ୍ଷଣ ଦେଉଥାନ୍ତି। ଏଠାରେ ସକାଳ ୬ରୁ ୮ଟା ଯାଏ ଚାଲେ ଏହି କ୍ରୀଡ଼ା ପ୍ରଶିକ୍ଷଣ। ଏଠାରେ ଯିଏ ପ୍ରଶିକ୍ଷଣ ଦିଅନ୍ତି ସେ ହେଲେ **ଗୋପୀନାଥ ସେଠୀ** । ଜନ୍ମ ୧୯୫୪ ମସିହାରେ । ଘର କଟକ ଜିଲାର ବଡ଼ମ୍ବା ବ୍ଲକର ମଙ୍ଗରାଜପୁରରେ। ସେ କୁହନ୍ତି, 'ପିଲାଦିନେ ଖେଳକୁଦରେ ଆଗ୍ରହୀ ଥିଲି। ଗାଁରେ ଦୌଡ଼ାଦୌଡ଼ି କରୁଥିଲି। ସ୍କୁଲରେ ଫୁଟବଲ ଖେଳୁଥିଲି, ରନିଂ ପ୍ରତିଯୋଗିତାରେ ଭାଗ ନେଉଥିଲି। ସମୟକ୍ରମେ ଓଡ଼ିଶା ସରକାରଙ୍କ ଫାଇନାନ୍ସ ବିଭାଗରେ ଚାକିରି କଲି।




ଗୋପୀନାଥ ସେଠୀ


ନୀଳମାଧବ ଦେଓ


କିଶୋର ମାଣିଆ


ଲଳିତେନ୍ଦୁ ମହାନ୍ତି

ଭୁବନେଶ୍ୱରରେ ରହୁଥିବାରୁ ପ୍ରତିଦିନ କଳିଙ୍ଗ ଷ୍ଟାଡିୟମ ଆସି ଦୌଡ଼େ। ଏହି ସମୟରେ ବିଭିନ୍ନ ଦୌଡ଼ ପ୍ରତିଯୋଗିତାରେ ଯୋଗଦେଇ ପୁରସ୍କୃତ ହେଉଥିଲି। ସେହି ସମୟରେ ବିଭିନ୍ନ ଚାକିରି ପାଇଁ ଆଶାୟୀ ଯୁବକ ଏଠାରେ ଦୌଡ଼ିବା ଅଭ୍ୟାସ କରୁଥିଲେ । ଯାହାଙ୍କୁ ମୁଁ ସହଯୋଗ କରୁଥିଲି। ସେତେବେଳେ ମୋର ଏକମାତ୍ର ପୁଅ ରେଲ୍‌ୱେର ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଶାରୀରିକ ପରୀକ୍ଷା ପାଇଁ ଦୌଡ଼ା ଅଭ୍ୟାସ କରୁଥିଲା। ଦିନେ ଦୌଡୁଥିବାବେଳେ ହଠାତ ସେ ତଳେ ପଡ଼ିଗଲା। ସେଠାରେ ତା'ର ପ୍ରାଣ ଚାଲିଗଲା। ସେ ଦୁଃଖ ମୋ ମନରୁ କେବେ ବି ଲିଭିବନି। ସେବେଠାରୁ ସଙ୍କଳ୍ପ ନେଲି ମୋର ସିନା ଗୋଟିଏ ପୁଅ ଚାଲିଗଲା, ହେଲେ ଶହ ଶହ ଝିଅପୁଅଙ୍କ ଭବିଷ୍ୟତ ଗଢ଼ିବାରେ ଉଦ୍ୟମ କରିବି। ସେମାନେ ଶାରୀରିକ ପରୀକ୍ଷା କ୍ରୀଡ଼ାରେ ଦକ୍ଷତା ହାସଲ କରିପାରିବେ, କଥା ମୋତେ ମନକୁ ବାରମ୍ବାର ଅଥୟ କରୁଥିଲା। ସେଥିପାଇଁ ସେବେଠାରୁ ମାଗଣାରେ ପିଲାମାନଙ୍କୁ କ୍ରୀଡ଼ା ପ୍ରଶିକ୍ଷଣ ଦେଇଚାଲିଛି। ଆଗ୍ରହୀ କ୍ରୀଡ଼ାପ୍ରେମୀ ଯୁବତୀଯୁବକମାନେ ରେଲ୍‌ୱେ, ଜଙ୍ଗଲ ବିଭାଗ, ସିଆର୍‌ପିଏଫ୍, ଅଗ୍ନିଶମ ଆଦି ପାଇଁ ଲଙ୍ଗଜମ୍ପ, ହାଇଜମ୍ପ, ବାଲିବସ୍ତା ବୋହିବା, ସାଇକେଲ ଚାଳନା ଆଦି ଶିକ୍ଷା ପାଇଛନ୍ତି। ଅନ୍ୟାନ୍ୟ କ୍ରୀଡ଼ା କୌଶଳ ତାଲିମ ପାଇ ଅଭ୍ୟାସ କରିଥାନ୍ତି। ଆଜି ଯାଏ ପ୍ରାୟ ୬ହଜାରୁ ଅଧିକ ଆଗ୍ରହୀ କ୍ରୀଡ଼ାପ୍ରେମୀ ତଥା ନିଯୁକ୍ତି ଆଶୟୀ ଛାତ୍ରୀଛାତ୍ରମାନେ ତାଲିମ ପାଇସାରିଲେଣି। ଏମିତିରେ ଦୀର୍ଘ ୨୫ ବର୍ଷଧରି ଏହି ପ୍ରଶିକ୍ଷଣ ଚାଲିଛି। ଜଣେ ଫିଜିକାଲ ଟ୍ରେନର ଭାବେ ମୋର ପରିଚିତ ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଓଡ଼ିଶା ବରପୁତ୍ର ପୁରସ୍କାର ସମେତ ଶତାଧିକ ଅନୁଷ୍ଠାନରୁ ବହୁ ପୁରସ୍କାର ଓ ସମ୍ମାନ ମିଳିଛି । ୨୦୧୨ରୁ ଅବସର ନେଇସାରିଛି। ଜୀବନଥିବା ଯାଏ ପିଲାମାନଙ୍କୁ ମାଗଣାରେ କ୍ରୀଡ଼ା ପ୍ରଶିକ୍ଷଣ ଦେଇଚାଲୁଥିବି। ମୋତେ ଏବେ ୭୦ବର୍ଷ ହୋଇ ସାରିଲାଣି। ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ଠାରେ ଟ୍ରେନିଂ ଦେଉଥିଲି ଏବେ ରାସ୍ତାକଡ଼ରେ କ୍ରୀଡ଼ା ଅଭ୍ୟାସ ଜାରି ରଖିଛି। ରବିବାର ସକାଳୁ ସକାଳୁ ନିକୋପାର୍କ ନିକଟକୁ ଆସି ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥାଏ।

**ଖେଳରେ ଶରୀର ଓ ମନ ସୁସ୍ଥ ରହୁଛି:** ଓଡ଼ିଶା କ୍ରୀଡ଼ାଜଗତରେ ଜଣେ କୋଚ୍‌ଭାବେ ସେ ବେଶ୍ ଜଣାଶୁଣା। ଯେଉଁଥିପାଇଁ ତାଙ୍କୁ ବିଜୁ ପଟ୍ଟନାୟକ ଯୁବ କ୍ରୀଡ଼ା ପୁରସ୍କାର ମିଳିଛି। ସେ ହେଲେ **ନୀଳମାଧବ ଦେଓ**। ଜନ୍ମ ୧୧।୨।୧୯୫୭ରେ। ପିତା ହରେକୃଷ୍ଣ ହରିଚନ୍ଦନ ମହାପାତ୍ର। ମାତା ଲାବଣ୍ୟ ଦେବୀ। ଘର ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ମଳିପଡ଼ାରେ। ସେ କୁହନ୍ତି ସ୍କୁଲ ସମୟରୁ ଖେଳପ୍ରତି ବହୁତ ଆଗ୍ରହୀ ଥିଲି ଓ ଫୁଟବଲ ଖେଳୁଥିଲି। ଖୋର୍ଦ୍ଧାରେ କମର୍ସ ପଢୁଥିବାବେଳେ ସ୍ପୋର୍ଟ୍ସରେ ଜଏନ୍ କରିଥିଲି। ସମୟକ୍ରମେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗନେଇ ବହୁ ପ୍ରଶଂସା ପାଇଲି। ୟୁନିଭରସିଟିରେ ଲଗାତର ୩ଥର ଦୌଡ଼କୁଦରେ ଚାମ୍ପିୟନ ହୋଇଥିଲି। ପରେ ପଞ୍ଜାବର ପଟିଆଲାସ୍ଥ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ସ୍ପୋର୍ଟ୍ସରେ ତାଲିମ ନେଲି। । ୧୯୮୪ରେ ମୋର ଚାକିରି ହେଲା। ୨୦୧୫ରେ ଭଲ୍ୟୁଣ୍ଟାରି ଭାବେ ଅବସର ନେଇସାରିଛି। ମାତ୍ର କ୍ରୀଡ଼ା ଅଭ୍ୟାସ ଜାରିରହିଛି। କୋଚ୍‌ଭାବେ ମୋ ପ୍ରଶିକ୍ଷଣରେ ଅନେକ ଛାତ୍ରୀଛାତ୍ର କ୍ରୀଡ଼ାରେ ଭଲ କରି ଦେଶର ନାଁ ରଖିଛନ୍ତି। ଏମିତିକି ଅଲିମ୍ପିକ୍ସରେ ମଧ୍ୟ ସେମାନେ ପଦକ ହାସଲ କରିଛନ୍ତି। ଏବେ ପ୍ରତିଦିନ ସକାଳ ୭ରୁ ୯ଟା ଯାଏ ବିଜେବି କଲେଜ ପରିସରରେ ଛାତ୍ରମାନଙ୍କୁ କ୍ରୀଡ଼ା ତାଲିମ ଦେଉଛି । ବିଶେଷକରି ଲମ୍ଫଡିଆଁ, ଦୌଡ଼, ଉଚ୍ଚଡିଆଁ ଆଦିର କୌଶଳ ବିଷୟରେ ତାଲିମ ଦେଇଥାଏ। ଏବେ ମୋର ବୟସ ୬୮ବର୍ଷ। ନିଜର ଫିଟନେସ ପାଇଁ ଖେଳ ଅଭ୍ୟାସ ଜାରି ରଖିଛି। ଏଥିରୁ ମନ ଓ ଶରୀର ସୁସ୍ଥ ରହୁଛି।





**ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ପାଇଁ ସବୁବେଳେ ଚିନ୍ତା କରେ:** ଓଡ଼ିଆ ପିଲା କିପରି କ୍ରୀଡ଼ାରେ ଭଲ ନାଁ କରିବେ, ଦେଶ ଓ ଜାତିର ନାଁ ରଖିବେ, ସେଥିପାଇଁ ସେ ଚିନ୍ତା କରୁଥିଲେ। ସେ ହେଲେ ବିଜୁ ପଟ୍ଟନାୟକ ଯୁବ କ୍ରୀଡ଼ା ପୁରସ୍କାରପ୍ରାପ୍ତ **କିଶୋର ମାଣିଆ**। ଓଡ଼ିଶାର ଜଣେ ଜଣାଶୁଣା କ୍ରିକେଟ କୋଚ୍ ଭାବେ ପରିଚିତ। ସେ କୁହନ୍ତି, 'ମୋର ଜନ୍ମ ୧।୮।୧୯୫୩ ମସିହାରେ। ପିତା ରତ୍ନାକର ମାଣିଆ, ମା' ବାସନ୍ତୀ ଦେଈ। ଘର କଟକ ଜିଲାର ବିରିଡ଼ି ବ୍ଲକ ଅନ୍ତର୍ଗତ କଇଜଙ୍ଗା ଗାଁରେ। ସ୍କୁଲ ବୟସରୁ ଫୁଟ୍‌ବଲ ଖେଳ ପ୍ରତି ଆଗ୍ରହୀ ଥିଲି। କ୍ରିକେଟ ବି ଖେଳୁଥିଲି। ସେତେବେଳେ ବାପା ସଚିବାଳୟରେ ଚାକିରି କରିଥିବାରୁ ଆମେ ଭୁବନେଶ୍ୱରରେ ରହୁଥିଲୁ। ସେହି ସମୟରେ କେଶବ ମହାପାତ୍ର ଖେଳ ପାଇଁ ଆମକୁ ବହୁତ ଉତ୍ସାହିତ କରିଥିଲେ। ପ୍ରଗତି କ୍ଲବ ଗଠନରେ ତାଙ୍କର ଭୂମିକା ରହିଛି। ଆମେ ସେଥିରେ ଏକାଠି ହୋଇ ଖେଳୁଥିଲୁ। ଥରେ ବକ୍ସିବାବୁ ଆମକୁ ଗୋଟିଏ କ୍ରିକେଟ ବ୍ୟାଟ୍ ଦେଇଥିଲେ। ପ୍ରଥମକରି ଏମିତି କିଣାବ୍ୟାଟ୍ ଦେଖି ଆମେ ଖେଳୁଥିବା ସାଙ୍ଗମାନେ ବହୁତ ଖୁସି ହୋଇପଡ଼ିଥିଲୁ। ଏମିତିକି ସେହି ବ୍ୟାଟ୍‌ରେ ଖେଳିସାରିବା ପରେ ସମସ୍ତେ ଦିନେ ଦିନେ ଘରକୁ ନେଇ ରଖି ପୁଣି ଖେଳପଡ଼ିଆକୁ ଆଣୁଥିଲୁ। ବିଜେବି କଲେଜ କ୍ରିକେଟ୍ ଦଳରେ କ୍ୟାପ୍‌ଟେନ୍ ଥିଲି। ୧୯୭୪ରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସରେ କ୍ରିକେଟ୍‌ରେ ତାଲିମ ପାଇଥିଲି। ପ୍ରଥମେ କ୍ରିକେଟ କୋଚ୍ ଭାବେ ଭୁବନେଶ୍ୱର ଡାଇରେକ୍ଟର ସ୍ପୋର୍ଟ୍ସରେ ଯୋଗଦେଲି। ୧୯୭୫ରେ ବାରିପଦାର କ୍ରିକେଟ ଷ୍ଟାଡିୟମରେ କୋଚ୍ ଭାବେ କାର୍ଯ୍ୟ କରିଥିଲି। ଏହାପରେ ଓଡ଼ିଶାର ବିଭିନ୍ନ ସ୍ଥାନର କ୍ରୀଡ଼ାପ୍ରେମୀ ଛାତ୍ରୀଛାତ୍ରଙ୍କୁ କୋଚିଂ ଦେଲି। ଓଡ଼ିଶା ରଣ୍‌ଜୀ ଟ୍ରଫି ଖେଳାଳି ଜୁନିୟର ଓ ସିନିୟରଙ୍କୁ ବି କୋଚିଂ ଦେଲି। ୨୦୧୧ରୁ ଅବସର ନେଇସାରିଲିଣି। ପ୍ରତିଦିନ ଅପରାହ୍ନ ସମୟରେ ପ୍ରଗତି କ୍ଲବକୁ ଆସୁଛି। ପ୍ରାୟ ୧ରୁ ୨ଘଣ୍ଟା ପିଲାମାନଙ୍କୁ ଟ୍ରେନିଂ ଦେଉଛି। ମାଣିଆ ସାର୍‌ଙ୍କଠାରୁ ଟ୍ରେନିଂ ପାଇଥିବା ଛାତ୍ରୀଛାତ୍ର କ୍ରୀଡ଼ାକ୍ଷେତ୍ରରେ ବହୁ ସୁନାମ ଅର୍ଜନ କରିଛନ୍ତି।

କେବଳ ଏମାନେ ନୁହନ୍ତି ଏମିତି ଅନେକ ଗୁରୁ ଅଛନ୍ତି ଯେଉଁମାନେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଗଠନ ପାଇଁ ସଦା ସର୍ବଦା ତତ୍ପର। ନିଜ କଥା ନୁହେଁ ପିଲାଙ୍କ ଭବିଷ୍ୟତ ହିଁ ତାଙ୍କ ମୁଖ୍ୟ ଚିନ୍ତା। – **ବନବିହାରୀ ବେହେରା।**





# ଆଦର୍ଶ ଗୁରୁ



**ଆଜିକାଲି ଯେଉଁଠି ଶିକ୍ଷା ଏକ ବ୍ୟବସାୟ ପାଲଟିଗଲାଣି, ସେଠି କେତେଜଣ ଗୁରୁ ଏବେ ବି ନିଜର ପ୍ରକୃତ କର୍ତ୍ତବ୍ୟକୁ ଭୁଲି ନାହାନ୍ତି । ଶିକ୍ଷାଦାନକୁ ନିଜ ଜୀବନର ବ୍ରତ ମନେକରି କିଏ ମାଗଣାରେ ତ କିଏ ମାତ୍ର ୨ ଟଙ୍କାରେ ପଢ଼ାଉଛନ୍ତି। ଆଉ କେଉଁ ଶିକ୍ଷକ ଶିକ୍ଷାଦାନକୁ ସରଳ, ମଜାଦାର କରିବା ଲାଗି ଆପଣାଉଛନ୍ତି ବିଭିନ୍ନ ପ୍ରକାରର ଉପାୟ। ସେମିତି କେତେଜଣ ଗୁରୁଙ୍କ ସମ୍ପର୍କରେ...**

**ଦୁଇଟଙ୍କାରେ ପଢ଼ାଉଥିବା ମାଷ୍ଟର ମୋଶାୟ:** ପଶ୍ଚିମବଙ୍ଗ, ବର୍ଦ୍ଧମାନ ଜିଲାର ଔସଗ୍ରାମ ଗାଁର ନିବାସୀ ସୁଜିତ ଚଟୋପାଧ୍ୟାୟ ; ଯାହାଙ୍କୁ ସମସ୍ତେ ଆଦରରେ ଡାକନ୍ତି ମାଷ୍ଟର ମୋଶାୟ ବୋଲି। ବୟସ ତାଙ୍କୁ ପ୍ରାୟ ୮୦ ବର୍ଷ । ସେ ରାମନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିଲେ । ଯେବେ ସେ ଅବସର ନେଲେ ତାଙ୍କୁ ବହୁତ ଖାଲି ସମୟ ମିଳିଲା । ସେଇ ସମୟରେ ସେ କ'ଣ କରିବେ ବୋଲି ଭାବି ପାରୁ  ନ ଥିଲେ । ଏମିତିରେ ଦିନେ ତିନିଜଣ ଝିଅ ତାଙ୍କ ଘରକୁ ଆସିଲେ । ଆଉ ତାଙ୍କଠାରୁ ଶିକ୍ଷା ଗ୍ରହଣ କରିବାକୁ ଚାହାନ୍ତି ବୋଲି କହିଲେ । ସେମାନେ ୨୦ କି.ମି. ଦୂରରୁ ଆସିଥିଲେ । ଆଉ ସବୁଦିନ ସେତିକି ଦୂରରୁ ଆସି ତାଙ୍କ ପାଖରେ ପଢ଼ିବାକୁ ରାଜି ଥିଲେ। ସେଇ ଝିଅମାନଙ୍କ ଅନୁରୋଧ ରକ୍ଷା କରି ସେ ପୁଣିଥରେ ପଢ଼ାଇବା ଆରମ୍ଭ କଲେ। ନିଜ ଘର ବାରଣ୍ଡାକୁ ସ୍କୁଲ କରିଦେଲେ। ଆଉ ନାଁ ଦେଲେ 'ସଦାଇ ଫକୀର ପାଠଶାଳା'। ବାର୍ଷିକ ମାତ୍ର ୧ ଟଙ୍କା ନେଇ ସେ ପଢ଼ାଇଲେ । ଏହାପରେ ଧୀରେ ଧୀରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା, ଯାହା ଏବେ ୩୫୦ଜଣରୁ ଉର୍ଦ୍ଧ୍ୱ ହେଲାଣି । ତାଙ୍କ ପାଖକୁ ଆସୁଥିବା ସବୁ ଛାତ୍ରୀଛାତ୍ର ଗରିବ ଓ ଆଦିବାସୀ ପରିବାରର । ପରେ ସେହି ପିଲାଙ୍କ ଭିତରୁ କେତେଜଣ ଆଉ ଏକ ଟଙ୍କା ବଢ଼ାଇବାକୁ କହିଥିଲେ। ତେଣୁ ଏହାପରଠାରୁ ବାର୍ଷିକ ୨ଟଙ୍କାରେ ପଢ଼ାଇବା ଜାରି ରହିଲା। ସେ ଦଶମ, ଏକାଦଶ ଓ ଡିଗ୍ରୀ କଲେଜର ପିଲାଙ୍କୁ ପଢ଼ାଇଥାନ୍ତି। ଅନେକ ପିଲା ବହୁ ଦୂରରୁ ଚାଲି ଚାଲି ଅବା ସାଇକେଲରେ ଆସନ୍ତି। ତେଣୁ ସେହି ପିଲାଙ୍କୁ ସେ ଯେତେ ସମ୍ଭବ ସାହାଯ୍ୟ କରନ୍ତି। ସରକାରଙ୍କୁ ଚିଠି ମଧ୍ୟ ଲେଖିଥିଲେ ପାଖାପାଖି ଅଞ୍ଚଳରେ ବିଦ୍ୟାଳୟ କରାଯାଉ ବୋଲି। ଏହି ନିଃସ୍ୱାର୍ଥପର ଶିକ୍ଷକଙ୍କୁ ୨୦୨୧ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ଅରବିନ୍ଦ ଗୁପ୍ତା

**ଖେଳଣା ଗଢ଼ନ୍ତି, ପିଲାଙ୍କୁ ପଢ଼ାନ୍ତି:** ଶ୍ରୀ ଅରବିନ୍ଦ ଗୁପ୍ତା ଜଣେ ବହୁ ପରିଚିତ ବିଜ୍ଞାନ ଶିକ୍ଷକ। ଭାରତ କାହିଁକି ଭାରତ ବାହାରେ ବି ସେ ଲୋକପ୍ରିୟ। ପେସାରେ ସେ ଇଞ୍ଜିନିୟର। ହେଲେ ଅଦରକାରୀ ଜିନିଷରୁ ସେ ଏଭଳି ଖେଳଣା ତିଆରି କରନ୍ତି, ଯାହାକୁ ବ୍ୟବହାର କରି ସେ ପିଲାଙ୍କୁ ବିଜ୍ଞାନର ବିଭିନ୍ନ ବିଷୟକୁ ବୁଝାଇଥାନ୍ତି। ଯାହାଫଳରେ ପିଲାଙ୍କର ବିଜ୍ଞାନକୁ ଭଲଭାବେ ବୁଝିବା ସହଜ ହୁଏ। ଦୀର୍ଘ ୫୦ ବର୍ଷ ହେବ ସେ ଏହିଭଳି ଖେଳଣା ତିଆରି କରି ପିଲାଙ୍କୁ ବିଜ୍ଞାନର ବିଭିନ୍ନ କଠିନ ବିଷୟବସ୍ତୁକୁ ସରଳଭାବେ ପଢ଼ାଇ ଆସୁଛନ୍ତି। ୟୁନେସ୍କୋ, ୟୁନିସେଫ, ଏମ୍ଆଇଟି ମିଡିଆ ଲ୍ୟାବ୍, ବିଭିନ୍ନ ବିକାଶଶୀଳ ଦେଶର ଇଣ୍ଟରନ୍ୟାଶନାଲ ଟୟ ରିସର୍ଚ୍ଚ ଟିଚର୍ସଙ୍କ ଦ୍ୱାରା ସେ ମାନ୍ୟତା ପାଇଛନ୍ତି। ବିଦେଶର ବଡ଼ ବଡ଼ ବିଶ୍ୱବିଦ୍ୟାଳୟରେ ତାଙ୍କ ପୁସ୍ତକ ଓ କାମକୁ ପ୍ରଶଂସା କରାଯାଇଛି।  ସେ ଏଚ୍ଏସ୍ଟିପି ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଗାଁ ପିଲାଙ୍କ ପାଇଁ ବିଜ୍ଞାନକୁ  ସହଜ, ସରଳ ଓ ମଜାଦାର କରିବା। ଯେଉଁଥିପାଇଁ ସେ ଅଦରକାରୀ ତଥା ବହୁତ କମ୍ ଖର୍ଚ୍ଚରେ ଖେଳଣା ତିଆରି କରି ତା'ରି ମାଧ୍ୟମରେ ପଢ଼ାନ୍ତି। ତାଙ୍କର ଏଭଳି ପଦକ୍ଷେପ ପାଇଁ ୨୦୧୮ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।





ବିମଳା କୌଲ

**ବସ୍ତି ପିଲାଙ୍କୁ ପଢ଼ାନ୍ତି ବିମଳା:** ବିମଳା କୌଲ, ବୟସ ୮୬ ବର୍ଷ। ସରକାରୀ ସ୍କୁଲରୁ ଶିକ୍ଷୟିତ୍ରୀ ଭାବେ ଅବସର ନେବା ପରେ ବି ସେ ଶିକ୍ଷାଦାନ କରିଚାଲିଛନ୍ତି। ଖାଲିରେ ବସି ରହି ନାହାନ୍ତି। ୧୯୯୩ରେ ସେ ଓ ତାଙ୍କ ସ୍ୱାମୀ ନିଜ ୪ ବେଡ୍ରୁମ ବିଶିଷ୍ଟ ଫ୍ଲାଟ୍ରେ ଛୋଟ ସ୍କୁଲଟିଏ ଖୋଲିଲେ। ଆଉ ନାଁ ଦେଲେ 'ଗୁଲଦସ୍ତା'। ଏହି ବିଦ୍ୟାଳୟରେ ସେ ଖାସ୍ କରି ଦିଲ୍ଲୀର ବସ୍ତି ପିଲାଙ୍କୁ ପଢ଼ାନ୍ତି। ଏହିସବୁ ପିଲାଙ୍କ ମଧ୍ୟରୁ କାହାର ବାପା ମା' ଅନ୍ୟଘରେ କାମ କରନ୍ତି ତ କାହାର ଡ୍ରାଇଭର ଓ କାହାର ମା'ବାପା ମୂଲ ମଜୁରି କରନ୍ତି। ପ୍ରଥମେ ସେ ଚୌହାନ ଚୌପାଲ ଗାଁରେ ପାଠ ନ ପଢ଼ି ଖେଳାବୁଲାରେ ସମୟ ବିତାଉଥିବା ପିଲାଙ୍କୁ ଏକାଠି କରି ସେହି ଗାଁରେ ଖୋଲା ଆକାଶ ତଳେ ପଢ଼ାଇବା ଆରମ୍ଭ କଲେ। ଜଣେ ଶିକ୍ଷକଙ୍କୁ ବି ରଖିଲେ ଯେ କି ବିମଳାଙ୍କ ଅନୁପସ୍ଥିତିରେ ପଢ଼ାଇବେ। ହେଲେ ସେହି ଶିକ୍ଷକ ଯେବେ ଛାଡ଼ି ଚାଲିଗଲେ, ବିମଳା ପିଲାଙ୍କୁ ଦିଲ୍ଲୀର ବିଭିନ୍ନ ପାର୍କରେ ପଢ଼ାଇବା ଆରମ୍ଭ କଲେ। ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ଉଦ୍ୟମରେ ପାଠପଢ଼ା ଭଲରେ ଚାଲିଥାଏ। ହେଲେ ୨୦୦୯ରେ ବିମଳାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଗଲା। ଫଳରେ ସେ ଦୁଃଖରେ ଭାଙ୍ଗିପଡ଼ିଲେ ସତ। ହେଲେ ପର ମୁହୂର୍ତ୍ତରେ ନିଜକୁ ପୁଣି ଶକ୍ତ କଲେ। କାରଣ ପିଲାଙ୍କ ଭବିଷ୍ୟତ ଗଢ଼ିବାର ସେ ପଣ କରିଥିଲେ। ସେବେଠୁ ସେ ଏକୁଟିଆ ପିଲାଙ୍କୁ ପଢ଼ାଉଛନ୍ତି। ପିଲାଙ୍କୁ ସେ ସବୁ ବିଷୟ ପଢ଼ାନ୍ତି। ଏମିତି କି ତାଙ୍କ ପାଖରେ ଯେଉଁ କମ୍ପ୍ୟୁଟର ଅଛି ସେଥିରେ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଅନ୍ତି। ତା'ସହ ଯୋଗ, ଡ୍ରିଲ ଓ ବିଭିନ୍ନ ଖେଳ ବି ଖେଳାଯାଏ।



ମାଷ୍ଟର ମୋଶାୟ



# କବିତା ହେଉଛି ମୋ ସ୍ୱପ୍ନ ଓ ଦର୍ଶନ










"ମରଣ ଡାକୁଛି ହାତ ଠାରି ମୋତେ, ଜୀବନ କରୁଛି ମନା। ଜୀବନ ମରଣ ମଝିରେ ମୁଁ ଏକ ଛୋଟ ଭୁଲ୍ ବୁଝାମଣା।'' ଏମିତି ଅନେକ ଛୋଟ ଏକପଦୀ କବିତା ସେ ରଚନା କରିଛନ୍ତି। ଦୀର୍ଘ ଚାରି ଦଶନ୍ଧି ମଧ୍ୟରେ ଶତାଧିକ କବିତା, ଗୀତି କବିତା, ପ୍ରବନ୍ଧ ଲେଖିବା ସହିତ ଏକାଧିକ ଗୀତି କବିତାକୁ ହିନ୍ଦୀ ଭାଷାରେ ଅନୂଦିତ କରିଛନ୍ତି। ତାଙ୍କର ସାହିତ୍ୟକୃତି ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର । ସେ ହେଲେ କବି –**ପୀତାମ୍ବର ତରାଇ**। ଜନ୍ମ ୧୯୫୯ ମସିହାରେ । ମାତା ପଞ୍ଚେଇ ଦେବୀ, ପିତା ହାଡ଼ିବନ୍ଧୁ ତରାଇ। ଘର ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁରରେ। ସେ କୁହନ୍ତି, ସମୁଦ୍ର ସନ୍ନିକଟ ଆମ ଗାଁ ଏବଂ ନିକଟସ୍ଥ ମହାନଦୀକୁ ବାପା ଦୈନିକ ମାଛ ମାରିବାକୁ ଯାଉଥିଲେ। ବାପା ଓ ବୋଉ ଯେବେ କୁଜଙ୍ଗ ହାଟରେ ମାଛ ବେପାର କରୁଥିଲେ ମୁଁ ସେଠାକୁ ଯାଇ ତାଙ୍କୁ ସହଯୋଗ କରୁଥିଲି। ସେଥିରୁ ଯାହା ମିଳୁଥିଲା ସେତିକିରେ ବହୁ ଅସୁବିଧାରେ ଘର ଚଳୁଥିଲା। ଘରର ନାନା ଅସୁବିଧା ଯୋଗୁ ବେଶ ପାଠପଢ଼ିପାରି ନ ଥିଲି। ସେତେବେଳେ ଗାଁରେ ଜାତି ଅଜାତି ଭେଦଥିଲା, ସେଥିପାଇଁ ବହୁ କଟକଣାରେ ଚଳୁଥିଲୁ। ଗାଁରେ ଥିବା ମହିମାଗାଦିରେ ସଞ୍ଜବେଳେ ସନ୍ନ୍ୟାସୀମାନେ ଖଞ୍ଜଣି ତାଳେତାଳେ ଭୀମଭୋଇଙ୍କ ଭଜନଗାନ କରୁଥିଲେ। ସେସବୁ ଶୁଣୁଥିଲି। କ୍ଷେତ୍ରବାସୀ ବାବା ବିଶ୍ୱନାଥବାବାଙ୍କ ବହି ପଢୁଥିଲି । ଏମିତିରେ ବହୁ ଯଶସ୍ୱୀ କବିଙ୍କ ସାହିତ୍ୟ କୃତିକୁ ପଢ଼ିବା ମୋର ନିତିଦିନିଆ ଅଭ୍ୟାସ ହୋଇଯାଇଥିଲା। ଗାଁରେ ଯେବେ ପାଲା ହେଉଥିଲା ସେଠାକୁ ପାଲା ଶୁଣିବାକୁ ଯାଉଥିଲି। ତେବେ ଗାଁ ମହିମାଗାଦିରେ ଭୀମଭୋଇଙ୍କ ଭଜନ ଶୁଣିଲା ପରେ ଭାବିଥିଲି– କବିତାରେ ଯଦି ଜୀବନର ଜୟଗାନ ସହିତ ଜଗତ ଉଧାର କରି ହେଉଛି ତାହାହେଲେ ମୁଁ ସାରା ଜୀବନ କେବଳ କବିତା ସହିତ ରହିବି। କବିତା ପୃଥିବୀର ଶ୍ରେଷ୍ଠ ଓ ଶେଷତମ ଅସ୍ତ୍ର ; ଯାହା କାମନାକୁ ବିନାଶ କରିପାରିବ। ତେଣୁ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲି କବିତାରେ ବଞ୍ଚିବି, କବିତାରେ ମରିବି। ତେଣୁ କବିତା ହେଉଛି ମୋର ସ୍ୱପ୍ନ ଓ ଦର୍ଶନ। ପ୍ରାୟ ଚାରି ଦଶନ୍ଧି ତଳେ ଯେଉଁ ସବୁ କବିତା ଲେଖିଥିଲି ସେ ସବୁ ବିଭିନ୍ନ ପତ୍ର ପତ୍ରିକାକୁ ପଠାଉଥିଲେ ବି ତାହା ପ୍ରକାଶିତ ହେଉଥିଲା କି ନା ଜାଣେନା, ମାତ୍ର ଆମ କୁଜଙ୍ଗ ଅଞ୍ଚଳରୁ ପ୍ରକାଶ ପାଉଥିବା 'ବନଝରଣା' ପତ୍ରିକାରେ ମୋର ଏକ ଲେଖା ପ୍ରକାଶ କରିବା ପାଇଁ ଚାହୁଁଥିଲି। କିନ୍ତୁ କମ୍ ପାଠ ପଢ଼ିଥିବାରୁ ସେହି ପତ୍ରିକାର ସମ୍ପାଦକ ମୋର ଲେଖାକୁ ପ୍ରକାଶିତ ନ କରି ବରଂ ସମ୍ପାଦକ ମହାଶୟ ମୋ ଉପରେ ବିରକ୍ତ ହୋଇ ମନା କରିଦେଇଥିଲେ। କିନ୍ତୁ କିଛିଦିନ ପରେ ସେହି ଗୀତି କବିତାଟି ସେହି ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏଥିଯୋଗୁ ସହସମ୍ପାଦକଙ୍କ ଉପରେ ସମ୍ପାଦକ ବିରକ୍ତ ହୋଇ ସେହି ପତ୍ରିକାକୁ ସେଦିନ ପୋଡ଼ି ଦେଇଥିଲେ। ସେଥିରେ ଯେଉଁ ଆନନ୍ଦ ପାଇବା କଥା ପାଇ ନ ଥିଲି, କାରଣ ଆନନ୍ଦ ବଦଳରେ ଘୃଣା ମିଳିଥିଲା। ଏହା ମୋତେ ଏକ ଭିନ୍ନ ଅନୁଭୂତି ଦେଇଥିଲା ; ଯାହା କବିତା ଓ ଗୀତିକବିତା ଲେଖିବାକୁ ଅଧିକ ପ୍ରେରଣା ଦେଇଥିଲା। କିନ୍ତୁ ଯେତେବେଳେ ଆକାଶବାଣୀ କଟକ କେନ୍ଦ୍ରରେ ମୋ ସ୍ୱରଚିତ କବିତାକୁ ଆବୃତ୍ତି କରିଥିଲି ସେତେବେଳେ ମୁଁ ଜାଣିଲି ମୋର ସାଧନା ମୋତେ ସିଦ୍ଧି ଦେଇଛି। ରେଡିଓରେ ମୋର କବିତା ଆବୃତ୍ତି ହେଉ କି କୃଷି ସଂସାର କାର୍ଯ୍ୟକ୍ରମରେ ମୋ ନାଁ ପ୍ରଚାର ହେଉଥିବାରୁ ବହୁତ ଖୁସୀ ହୋଇପଡୁଥିଲି। ସମୟକ୍ରମେ ଲେଖିଥିବା କବିତାକୁ ନେଇ କବିତା ସଙ୍କଳନ– 'ବୁନ୍ଦେ ଲୁହର ପିଠିରେ ସମୁଦ୍ର', 'ନିଜ ନିଃଶ୍ୱାସରେ ନିଜେ ହିଁ ଜଳୁଛି', 'ଚିରା ଚଇତର ଚିଠା', 'ଶୂଦ୍ରକର ଶ୍ଳୋକ', 'ଅଭାଜନ', 'ପିଛିଲା ତାରିଖ ଓ ଅନ୍ୟାନ୍ୟ କବିତା', 'ଜଣେ ଅଶୌଚ ଲୋକ', ଶିଶୁ ସଂକଳନ– 'ଲହଲହକା ପତର ବଙ୍କା', ଅନୁବାଦ ପୁସ୍ତକ –'ଉତ୍ତରାଧିକାରୀ', 'ସଇରାତ', 'ଇତର'। ସେହିପରି ୨୦୧୧ରେ ଅଭାଜନ କବିତା ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି। ଓଡ଼ିଶା ଦଳିତ ସାହିତ୍ୟ ଓ କଳା ଏକାଡେମୀ ପୁରସ୍କାର, ପ୍ରଜାତନ୍ତ୍ର କବିତା ପୁରସ୍କାର, ସୁବ୍ରତ ରଥ ସ୍ମାରକୀ ପୁରସ୍କାର, ରତ୍ନମଣି ସ୍ମୃତି ସମ୍ମାନ, ବସନ୍ତ ମୁଦୁଲି କବିତା ପୁରସ୍କାର, ସାରଳା ପ୍ରତିଭା ସମ୍ମାନ, ମାନସିଂ କବିତା ସମ୍ମାନ ଆଦି ଶତାଧିକ ପୁରସ୍କାର ଓ ସମ୍ମାନ ମିଳିଛି। କିନ୍ତୁ କବିତାରେ ଅଛି ବୋଲି ଜୀବନକୁ ଯେତିକି ଜାଣିଲି ଜଗତର ସେତିକି ନିକଟତର ହେଲି। ଏମିତିରେ ପ୍ରାୟ ୪୦ବର୍ଷ କବିତାରେ ବିତି ସାରିଲାଣି। ୧୯୯୯ ମହାବାତ୍ୟାରେ ଘର ଭାଙ୍ଗି ଯାଇଥିବାରୁ ଆଉ ଜଣଙ୍କ ଘରେ ଆଶ୍ରୟ ନେଇଥିଲୁ। ସେଇ ଚାଳଛପର ଘରେ ଅନେକ ଦୁଃଖଭରା କରୁଣ ଦୃଶ୍ୟ ଦେଖିଛି। ଆଖିରୁ ଝରୁଥିବା ଲୁହର କାରୁଣ୍ୟକୁ ଅନୁଭବିଛି। ତାହା ମୋର ଚିରସହଚର ଥିଲା। ହୁଏତ ଆଉ ଜୀବନରେ ପାଇବିନି ସେଇ ଘର ସହିତ ମୋର ଯେଉଁ ନିବିଡ଼ ସମ୍ପର୍କ ଓ ଭଲ ପାଇବାକୁ। ବୋଉ ଶୁଖୁଆ ବିକୁଥିବା ବେଳେ ତା' ପାଖକୁ ଯାଇ ଏକ ଖାତାଟିଏ କିଣିବାକୁ ତା' ଠାରୁ କିଛି ଟଙ୍କା ମାଗିଥିଲି, ହେଲେ ବୋଉ କହିଥିଲା ତୁ ତ ପାଠ ପଢୁନୁ ଖାତା କଲମ କିଣି କ'ଣ କରିବୁ। ମାତ୍ର ମୋ ମନ କିଛି ବୁଝି ନ ଥିଲା। ମୋତେ ଖାତା କଲମ କିଣିବାର ଅଜବ ନିଶା ଘାରିଥିଲା। କବିତା ଲେଖିବାକୁ ମନରେ ଅଧିକ ଆଗ୍ରହ ସୃଷ୍ଟିହେଉଥିଲା। ବୋଉ ଦେଇଥିବା ଟଙ୍କାରେ ଯେଉଁ ଖାତା କିଣିଥିଲି ସେଥିରେ ପ୍ରତିଦିନ କିଛିକିଛି କବିତା ଲେଖୁଥିଲି। ଗୋଟିଏ କବିତା ରଚନା ପୂର୍ବରୁ ମନରେ ବ୍ୟାକୁଳତା ଆସେ ; ଯାହା କବିତା ରଚନା ପରେ ପ୍ରଶମିତ ହୋଇଥାଏ। ତାହା ହିଁ କବିକୁ ଆନନ୍ଦିତ କରିଥାଏ। କେବଳ ସେତିକି ନୁହେଁ, ସର୍ଜନାର ନିର୍ମାଣ ସରି ତାକୁ ଭୂମିଷ୍ଠ କରିସାରିବା ପରେ ଆଉ ଏକ ପ୍ରସ୍ତୁତି ପର୍ବ ପାଇଁ ସର୍ଜନାକାରୀ ଅପେକ୍ଷା କରିଥାଏ। ତେବେ ପୁରସ୍କାର ଲେଖକଙ୍କୁ ସତର୍କ କରିଦିଏ ଯେ ଏହା ଅଧିକ ସାଧନାରତ ପାଇଁ ଉତ୍ସାହିତ କରିଥାଏ। ବାସ୍ତବରେ ମନଭିତରେ ଉଙ୍କି ମାରୁଥିବା ଇଚ୍ଛାକୁ ସାକାର କରିବାରେ ସମର୍ଥ ହୁଏ ନିଜର ଦୃଢ଼ ଇଚ୍ଛାଶକ୍ତି।

–ବନବିହାରୀ








# ଭାଦ୍ରବ ମାସରେ ବର୍ଷା

– ସୁମିତା ବେହେରା

**ଭା**ଦ୍ରବ ମାସ ଲଘୁଚାପ ବର୍ଷା
ଓଠରୁ ଫୁଲ ଫୁଟିବାବେଳେ
ଛାତିରେ ଗୁଳି ଫୁଟିବାର ଶବ୍ଦ
ଥପ ଥପ ଝରିପଡୁଛି ମୌସୁମୀର ମିଠାବାସ୍ନା
ଥପ ଥପ ଝରୁଛି ଲୁହ ଲହୁ
ମାଟିରେ ମିଶିଯାଉଛି ତରୁଣୀର ଲଜ୍ଜା ।

ବର୍ଷା ସୁଖଦିଆ ପାଦ ଶବ୍ଦ
ଓଳେଇ ପକାଏ ଯାବତ ଆବର୍ଜନା
ବୁଣିଦିଏ ରଙ୍ଗବେରଙ୍ଗ ସ୍ୱପ୍ନ
ରାତିସାରା ବର୍ଷା
କିନ୍ତୁ ଭରିପାରୁନି ଆଖିରେ ଚମକର ବିଜୁଳି।

ଏଇ ଯେଉଁ ଦେଖୁଛ ଆତ୍ମକଥାର ରୂପ ରୂପାନ୍ତର
ହରଣର ଫଳ ସମର୍ପି ଦେଇ
ଆଖି ସବୁ ଛନ୍ଦି ନେଲେଣି ହାତ, ନିଜ ନିଜ ଉପରେ
ସେଠାରେ କେତେ ତୁଚ୍ଛ
ଆର୍ତ୍ତଚିତ୍କାର, କରୁଣ ବିଳାପ
ଦେହରୁ ତ ଓହ୍ଲାଇଗଲାଣି
ଛଳନାର ପୋଷାକ।

ବିଷାକ୍ତ ମନ ନେଇ
ଉତ୍ତରାଧିକାରୀର କ୍ଷୁଦ୍ରତମ ପାଦ
କେବେ ହୋଇ ନ ପାରେ
ପ୍ରିୟତମର ଆତ୍ମୀୟତା,
'ମୁଁ' ର ଲଢ଼େଇ ଭିତରେ
ଅଜାଣତେ ବର୍ଷାମୁଖର ଗର୍ଭିଣୀ ମେଘମାଳରୁ
ଖସିପଡୁଛି କି
ପରିଚିତ ନୀରବତା।

–ବାରିପଦା
ମୋ: ୬୩୭୨୮୫୬୯୯୪

# ଶରଣାର୍ଥୀ : ଏକ ପ୍ରେମ ଗାଳ୍ପ

–ଶ୍ରୀ ଗୋବିନ୍ଦ

**କ**ଲୋନୀ ଯାକର ସମସ୍ତଙ୍କର ଆଖି ରହିଥିଲା ମୌସୁମୀ ହାଲଦାର ଉପରେ। ବର୍ଷେ ରହିବା ମଧ୍ୟରେ ସେ ଯେମିତି ସବୁଦିନର ଏକ ତାଜା ଖବର ହୋଇଯାଇଥିଲା ସମସ୍ତଙ୍କ ପାଇଁ। ସେ ଚାଲିଗଲେ ସୃଷ୍ଟି ହୁଏ ଚାପା ଗୁଞ୍ଜରଣ । ଚା ଦୋକାନ, ପାନ ଦୋକାନ, ପରିବା ଦୋକାନ, ଜଳଖିଆ ଦୋକାନ...ଏମିତି ସେ ଚାଲିଯିବା ବାଟରେ ଯେଉଁମାନେ ତାକୁ ଦେଖି ନିଅନ୍ତି, ସ୍ଥାଣୁରୁ ଯେମିତି ଚଳଚଞ୍ଚଳ ହୋଇଯାଆନ୍ତି । କିଛି ନହେଲେ ବି ମୌସୁମୀର ରୂପ ଚେହେରା ଉପରେ ଆଖି ଟିକେ ବୁଲେଇ ଆଣିବା ପାଇଁ କେହି କୁଣ୍ଠା ପ୍ରକାଶ କରନ୍ତି ନାହିଁ । ଏମିତିକି ମନ୍ଦିରର ପୂଜକ ବି ପାଞ୍ଚ ମିନିଟ ଯାଗାରେ ପନ୍ଦର ମିନିଟ ମୌସୁମୀ ପାଇଁ ପୂଜା କରେ। ବଳେଇ ବଳେଇ କଥା ହୁଏ । କେବେ କେମିତି ଥଟ୍ଟାମଜାରେ ଛିଗୁଲେଇ ହୁଏ । କିଏ କିଏ ନକାରାତ୍ମକ ମତାମତ ଦିଅନ୍ତି ତ କିଏ କିଏ ମୌସୁମୀର ନିକଟତର ହେବା ପାଇଁ ଚାହିଁଥାନ୍ତି । ମୌସୁମୀ କୋଲକାତା ଛାଡ଼ି ଓଡ଼ିଶା ଆସିବା ପଛର କାରଣ ଥିଲା, ତା' ସ୍ୱାମୀଙ୍କର ବଦଳି । ପାଞ୍ଚ ବର୍ଷର ଝିଅକୁ ପାଖ ଇଂରାଜୀ ମାଧ୍ୟମ ସ୍କୁଲରେ ନାଁ ଲେଖାଇବା ସହ ପାଖ କଲୋନୀରେ ରହିବା ପାଇଁ ସେମିତି କିଛି ସମସ୍ୟା ମଧ୍ୟ ନଥିଲା । ଦୁର୍ଭାଗ୍ୟ ଏମିତି, କିଛି ଦିନ ପରେ ତା ସ୍ୱାମୀଙ୍କର ମଧ୍ୟ ପୁଣିଥରେ ବଦଳି ହୋଇଯାଇଥିଲା। ତାଙ୍କ ସ୍ୱାମୀ ବଦଳିକୁ ପ୍ରତ୍ୟାଖାନ କରି ପାରି ନଥିଲେ। କାରଣ ପ୍ରମୋଶନ ସାଙ୍ଗକୁ ଦରମା ଅଧିକ ଥିଲା ଓ ଝିଅର ନାଁ ପାଖ ସ୍କୁଲରେ ଲେଖା ସରିଥିଲା । ବର୍ଷ ଅଧା ହୋଇଯାଇଥିବାରୁ ସେ ବାଧ୍ୟ ହୋଇ ମୌସୁମୀ ଓ ଝିଅକୁ ଛାଡ଼ି ବାହାରକୁ ଯାଇଥିଲେ ।

ମୌସୁମୀ ସହ ମୋର ଦେଖା ଯେମିତି, ସମ୍ପର୍କ ବି ସେମିତି ଅକସ୍ମାତ । ଦିନେ ସେ ମନ୍ଦିରରେ ପୂଜା ସାରି ଫେରିବା ବେଳକୁ ତାଙ୍କ ଝିଅ ପାଖରେ ନଥିଲା । ବିଚଳିତ ହୋଇ ଖୋଜିବା ବେଳକୁ ମୁଁ ରାସ୍ତା ଉପରୁ ଉଦ୍ଧାର କରି ତାଙ୍କ ଜିମା ଦେଇଥିଲି । ସେ ସେଦିନରୁ ମନ୍ଦିରରେ ଦେଖାହେଲେ ଧନ୍ୟବାଦ ସ୍ୱରୂପ ମୋତେ ସ୍ମିତ ହାସ୍ୟଟିଏ ଦେଇ ଚାଲିଯାଆନ୍ତି । ଏମିତି କିଛିଦିନ ପରେ କାହିଁକି କେଜାଣି ମୋ ଫୋନ ନମ୍ବର ମାଗିଲେ ଓ ନିୟମିତ ବ୍ୟବଧାନରେ କଥା ହେଲେ । ସୁଖଦୁଃଖ ବୁଝିଲେ । କଣ ଖାଇଛି, ନଖାଇଛି ପଚାରିଲେ । ପରେ ପରେ ମୋ ଦେହପା' ଜଗିବାକୁ ରାଣ ନିୟମ ବି ଦେଲେ । କ୍ରମେ ଘନିଷ୍ଠତା ବଢ଼ିଲା। କଲୋନୀ ସାରା ସୁନ୍ଦରୀ ମୌସୁମୀ ସହିତ କଥା ପଦେ ହେବା ପାଇଁ ବିକଳ ହେଉଥିବାବେଳେ ମୋ ସହିତ ବଢ଼ି ଆସୁଥିବା ଘନିଷ୍ଠତା, ମୋତେ ବେଶ ରୋମାଞ୍ଚିତ କରୁଥିଲା । କିଛିଦିନ ପରେ ସେକେଣ୍ଡ ଇସ୍ୟୁ ପାଇଁ ମାଟରନିଟି ଲିଭ୍‌ରେ ମୋ ଧର୍ମପତ୍ନୀ ଘରକୁ ଚାଲିଯାଇଥିଲା । ମୁଁ ଏକା ହୋଇଯିବାଟା ମୌସୁମୀକୁ ଆଦୌ ଠିକ ଲାଗୁ ନଥିଲା । ଦିନେ ସେ ବହୁତ ଭାବିଚିନ୍ତି କହିଥିଲା–ତମେ ଅଫିସରୁ ଆସି କାହିଁକି ରାତିରେ ରୋଷେଇ କରି ଖାଇବ । ବରଂ ଗୋଟେ କାମ କର...ସବୁଦିନ ଡିନର୍ ଆମ ଘରେ କରିନେବ । ଯଦି ତମର ସେମିତି କିଛି ଅସୁବିଧା ନଥାଏ, ମୋ ଅନୁରୋଧ ରକ୍ଷା କରିବ । ମୁଁ ପ୍ରଥମରୁ ଟିକେ ଦ୍ୱନ୍ଦ୍ୱରେ ଥିଲେ ବି ପରେ ହଁ ମାରିଥିଲି । ରାତିରେ ଆଉ ଡିନର୍ ପ୍ରୋବ୍ଲେମ୍ ରହି ନଥିଲା । ମୋର ବି ଭୁବନେଶ୍ୱର ଛାଡ଼ି ପୁରୀକୁ ତିନି/ଚାରି ମାସ ପାଇଁ ଡେପୁଟେଶନରେ ଯିବାକୁ ହେଲା। ତେଣୁ ମୁଁ ଫେରିବା ଲେଟ ହେବ ବୋଲି ଡିନର୍ ନକରିବାକୁ ମନାକଲି। ମୌସୁମୀ କହିଥିଲା– ନାଁ, ଯେତେ ଡେରି ହେଲେ ବି ମୁଁ ୱେଟ କରିଥିବି, ଆସିବ। ଆଜିକାଲି ହୋଟେଲର ଖାଦ୍ୟ ଯାହା ଦେହ ଖରାପ ହେବ। ମୁଁ କ'ଣ ତମ ପାଇଁ ଟିକେ ୱେଟ କରିପାରିବିନି। ଫେରୁ ଫେରୁ ସବୁବେଳେ ବାରଟା କି ଗୋଟାଏ ହୋଇଯାଉଥିଲା। ସେ କିନ୍ତୁ ସେମିତି ୱେଟ କରୁଥିଲା। ବେଳେବେଳେ ବାଧ୍ୟ ବି କରୁଥିଲା ରହିଯିବା ପାଇଁ। ଅନେକ ସମୟରେ କଥା ଆଡେଇ ନପାରି ମୁଁ ରହିଯାଉଥିଲି । ଏ ବାବଦରେ ଘର ମାଲିକ ମୌସୁମୀକୁ କିଛି ନଜଣେଇ ତାଙ୍କ ସ୍ୱାମୀଙ୍କୁ ଫୋନ କରି ଜଣେଇ ଦେଇଥିଲା । ଦିନେ ରାତିରେ ମୁଁ ଥିବାବେଳେ ତାଙ୍କ ସ୍ୱାମୀ ଚଢ଼ା ଗଳାରେ ଫୋନ କରି କହିଥିଲେ– କିଏ ସେ ସବୁବେଳେ ଆମ ଘରକୁ ଯିବା ଆସିବା କରୁଛି । ମୌସୁମୀ ଅତି ସରଳ ଓ ସହଜ ଢଙ୍ଗରେ ତାଙ୍କ ସ୍ୱାମୀକୁ ବୁଝେଇ ଦେଇଥିଲା–ମୋତେ କ'ଣ ତମର ବିଶ୍ୱାସ ନାହିଁ! ତମେ ନଥିଲା ବେଳେ କାହାକୁ ଘରେ ପୂରେଇବି । ଶରଣାର୍ଥୀଙ୍କୁ ନେଇ ଯେଉଁ ସମସ୍ୟା ଉପୁଜିଛି, ସେଥିପାଇଁ ଆମ ବେଙ୍ଗଲର ଜଣେ ସମ୍ପର୍କୀୟ ଭାଇକୁ କେହି ଘର ଦେଉ ନାହାନ୍ତି । ସେ ଏଇ କିଛିଦିନ ହେବ ଓଡ଼ିଶାକୁ ବଦଳି ହୋଇ ଆସିଛନ୍ତି । ଏଣୁ ଏ ସମସ୍ୟା ତୁଟିବା ଯାଏ କିଛି ଦିନ ପାଇଁ ଆମ ଘରେ ରହିଯିବେ । ତାଙ୍କ ସ୍ୱାମୀ ଏହି କଥାକୁ ସହଜରେ ବୁଝିଯାଇଥିଲେ । ସେଦିନ ଭାବିଲି–ପ୍ରେମରେ ବି କେବେକେବେ ନିଜକୁ ଶରଣାର୍ଥୀ ସାଜିବାକୁ ପଡ଼େ ।

–ଭୁବନେଶ୍ୱର, ମୋ:୭୦୦୮୯୧୩୫୮୯



# କଥା କର୍ତ୍ତବ୍ୟର

ନିଜ କର୍ତ୍ତବ୍ୟକୁ ତୁଲାଇବା ସହଜ କଥା ନୁହେଁ। ଏଥିପାଇଁ ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡିଥାଏ। ତା'ସହ ସମ୍ମୁଖୀନ ହେଉଥିବା ବାଧାବିଘ୍ନକୁ ସାହସର ସହ ସାମନା କରିବାକୁ ପଡେ। ହେଲେ ନିଜ ଲକ୍ଷ୍ୟ ହାସଲ ପାଇଁ ତରୁଣୀ ଜଣଙ୍କ ଥିଲେ ବେଶ୍ ଦୃଢ଼ମନା। ଶେଷରେ ଲକ୍ଷ୍ୟ ହାସଲ କରିବା ସହ ସେ ଆଗକୁ ଆଗେଇଛନ୍ତି। ଆଉ ତା'ପରେ କ'ଣ ହେଉଛି ତାହାକୁ ଆଧାର କରି କାହାଣୀ ଗତି କରିଛି। ହଁ, ଏଭଳି ଏକ ବିଷୟବସ୍ତୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଆଶ୍ରମ'। ଉକ୍ତ ଚିତ୍ରଟି ଚଳିତ ମାସ ୧୩ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତପନ ଦାସଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଦିଲୀପ ଚୌଧୁରୀ। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର । କଣ୍ଠଦାନ କରିଛନ୍ତି ଅସିତ ତ୍ରିପାଠୀ, ବିଶ୍ୱଜିତ ମହାପାତ୍ର, ରୂପକ ପରିଡା ଓ ସୋହିନୀ ମିଶ୍ର। ଏହାର ବିଭିନ୍ନ ଭୂମିକାରେ ମହେଶ୍ୱତା ରାୟ, ଅଭିଷେକ ଗିରି, ସୂର୍ଯ୍ୟମୟୀ ମହାପାତ୍ର, ଶତୋ ଆଚାର୍ଯ୍ୟ, ତନୁଶ୍ରୀ, ସୌମ୍ୟା, ବିଜୟିନୀ ମିଶ୍ର, ଶଙ୍କର ଓ ତୁଷାର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟିର କ୍ରିଏଟିଭ ଉପଦେଷ୍ଟା ଅଛନ୍ତି ଶ୍ୟାମା ପ୍ରସାଦ ମିଶ୍ର।


ତନୁଶ୍ରୀ


କ୍ରିତି

# ଯାହାକୁ ଡରୁଥିଲେ କ୍ରିତି

କ୍ରିତି ସାନନ ପାଣିକୁ ଭାରି ଭୟ କରନ୍ତି। ହେଲେ ପିଇବା ପାଣି ନୁହେଁ, ନଦୀ, ସମୁଦ୍ର, ହ୍ରଦ ଆଦିର ପାଣି ଦେଖିଲେ ତାଙ୍କ ମନରେ ଭୟ ସଞ୍ଚାର ହୋଇଥାଏ। ତେବେ ସେ କ'ଣ ଜାଣିଥିଲେ ଯେ, ଯାହାକୁ ସେ ଡରନ୍ତି, ଦିନେ ତା' ଭିତରେ ତାଙ୍କୁ ଶଟ୍ ଦେବାକୁ ପଡିବ। ହଁ, ଏ ହେଉଛି 'ରବ୍‌ତା' ଫିଲ୍ମ ଶୁଟିଂ ସମୟର କଥା। ତାଙ୍କୁ ପାଣିରେ ବୁଡି ଏକ ଶଟ୍ ଦେବାକୁ ଥାଏ। ହେଲେ କେମିତି ବା ଶଟ୍ ଦେବେ ? ପାଣିକୁ ତ ତାଙ୍କର ସବୁଠୁ ଭୟ। ଶେଷକୁ ନିଜ ମନ କଥା ନିର୍ଦ୍ଦେଶକଙ୍କୁ କହିଥିଲେ। ଆଉ ତା'ପରେ ତାଙ୍କ ମନରୁ କିଭଳି ଭୟ ଦୂର କରିବାକୁ ହେବ ନିର୍ଦ୍ଦେଶକ ଉଦ୍ୟମ କଲେ। ଶେଷରେ ସେ ସଫଳ ହେଲେ। ଏହି ଫିଲ୍ମରେ ସେ ସ୍କୁଭା ଡାଇଭିଂର ଶଟ୍ ବି ଦେଇଛନ୍ତି। ଏ ବିଷୟରେ କ୍ରିତି କହନ୍ତି, 'ଏହି ଶଟ୍ ଦେବାକୁ ମୁଁ ଦୋଛକିରେ ପଡିଥିଲି। କାରଣ ପାଣି ପ୍ରତି ମୋ ମନରେ ପିଲାଟି ଦିନରୁ ଭୟ ରହିଥିଲା। ଯାହାହେଉ ନିର୍ଦ୍ଦେଶକ ଏହାକୁ ଦୂର କରିବାରେ ସକ୍ଷମ ହୋଇଥିଲେ। ତା'ପରେ ମୁଁ ସାହସର ସହ ଏହି ଫିଲ୍ମ ପାଇଁ ପାଣି ଭିତରେ ଶଟ୍ ଦେଇଥିଲି।' ଅଭିନୟ ପୂର୍ବରୁ କ୍ରିତି ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। କେତୋଟି ବିଜ୍ଞାପନ ପାଇଁ କାମ କରିବା ପରେ ସେ ୨୦୧୪ରେ ପ୍ରଥମେ ତେଲୁଗୁ ଫିଲ୍ମ 'ନିନୋକ୍କାଡିନି'ରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ହେରୋପନ୍ତୀ'। ବର୍ତ୍ତମାନ ସେ 'ଦୋ ପତି' ନାମକ ଏକ ସିନେମାର ପ୍ରଯୋଜନା କରିବା ସହ ସେଥିରେ ଅଭିନୟ ମଧ୍ୟ କରୁଛନ୍ତି।

# ପାଖେଇ ଆସୁଛି ଦିନ

ଶୁଭଦିନଟି ଯେତିକି ପାଖେଇ ଆସୁଛି, ମାଳବିକା ମୋହନନ୍‌ଙ୍କ ଉତ୍କଣ୍ଠା ସେହି ଅନୁସାରେ ବଢ଼ି ଚାଲିଛି। କାରଣ ଏହି ଦିନ କେବେ ଆସିବ ତାହାକୁ ସେ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ହେଲେ ସେ ଦିନ ଏମିତି କ'ଣ ହେବ କି ଯାହାକୁ ନେଇ ସେ ଆଗ୍ରହର ସହ ଚାହିଁ ବସିଛନ୍ତି ? କଥା କ'ଣ କି ଚଳିତ ମାସ ୨୦ ତାରିଖରେ ସେ ଅଭିନୟ କରିଥିବା 'ୟୁଧ୍ରା'ଚଳଚ୍ଚିତ୍ର ରିଲିଜ ହେବାକୁ ଯାଉଛି। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମରେ ଆକ୍ସନ ଭରି ରହିଛି। ଚିତ୍ରଟିର ନାୟକ ସାଜିଛନ୍ତି ସିଦ୍ଧାନ୍ତ ଚତୁର୍ବେଦୀ। ମାଳବିକା କହନ୍ତି, 'ଏହି ସିନେମାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବା ପାଇଁ ସମସ୍ତ କଳାକାର ନିଜ ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଏହି ଫିଲ୍ମରେ ମୁଁ ମୋ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ।' ଫିଲ୍ମର କାହାଣୀ ରଚନା କରିଛନ୍ତି ଫରହାନ ଅଖତର, ଅକସତ୍ ଘିଲଡିୟାଲ ଏବଂ ଶ୍ରୀଧର ରାଘବନ। ରବି ଉଦ୍ୟାୱାରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ସିଦ୍ଧାନ୍ତ ଏବଂ ମାଳବିକାଙ୍କ ବ୍ୟତୀତ ରାଘବ ଜୁୟାଲ, ଶିଳ୍ପା ଶୁକ୍ଳା, ରାଜ୍ ଅର୍ଜୁନ, ଗଜରାଜ ରାଓ ଏବଂ ରାମ କପୁର ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ମାଳବିକା

# ପ୍ରିୟଙ୍କାଙ୍କ ଶାଢ଼ି ନିଶା

ପ୍ରିୟଙ୍କା ଚୋପ୍ରା ଏବେ ମନ ପସନ୍ଦର ଶାଢ଼ି କିଣିବାରେ ବ୍ୟସ୍ତ। ହେଲେ କାହିଁକି ? ହଠାତ୍ କ'ଣ ଏମିତି ହେଲା ଯେ ସେ ଶାଢ଼ି କିଣୁଛନ୍ତି ? କଥା କ'ଣ କି ନିକଟରେ ସେ ଏକ ବାହାଘର ପ୍ରୋଗ୍ରାମରେ ଯୋଗ ଦେଇଥିଲେ। ହେଲେ ସେଠାକୁ ସେ କ'ଣ ପିନ୍ଧିକରି ଯାଇଥିଲେ ଜାଣନ୍ତି ? ଏକ ନାଲି ଶାଢ଼ି। ଆଉ ସେଠାରେ ପହଞ୍ଚିବା ପରେ ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟି ଯାଇଥିଲେ। ତାଙ୍କର ଏଭଳି ଗେଟ୍‌ଅପ୍‌କୁ ସେଠାରେ ଉପସ୍ଥିତ ଗେଷ୍ଟମାନେ ଭୂରି ଭୂରି ପ୍ରଶଂସା କରିଥିଲେ। ଏ ନେଇ ପ୍ରିୟଙ୍କା କହନ୍ତି, 'ଅବଶ୍ୟ ଏକଥା ମୁଁ ଜାଣେ ଯେ ଶାଢ଼ି ଗେଟ୍‌ଅପ୍‌ରେ ମୁଁ ବେଶ୍ ଆଟ୍ରାକ୍ଟିଭ ଦେଖାଯାଏ। ସେଦିନ ମ୍ୟାରେଜ ପ୍ରୋଗ୍ରାମକୁ ଯିବା ପୂର୍ବରୁ ଶାଢ଼ି ପିନ୍ଧିବାକୁ ସ୍ଥିର କରିଥିଲି। ଆଉ ସେଠାରେ ମୋତେ ଯେପରି ପ୍ରଶଂସା କରାଗଲା ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଏବେ ମୁଁ କିଛି ମନ ପସନ୍ଦର ଶାଢ଼ି କିଣିଛି ଏବଂ ଆଗକୁ ମଧ୍ୟ ନୂଆ ନୂଆ ବ୍ରାଣ୍ଡର ଶାଢ଼ି କିଣିବାକୁ ଯୋଜନା ରଖିଛି।' ପ୍ରିୟଙ୍କା ଏବେ ଦୁଇଟି ହଲିଉଡ୍ ପ୍ରୋଜେକ୍ଟ- 'ଦ ବ୍ଲଫ୍' ଏବଂ 'ହେଡ୍‌ସ ଅଫ ଷ୍ଟେଟ୍'ର ଶୁଟିଂ ପାଇଁ ବ୍ୟସ୍ତ ଅଛନ୍ତି।


ପ୍ରିୟଙ୍କା

# କୁଲ୍ କୁଲ୍ ତାପସୀ

ଦକ୍ଷିଣ ଭାରତୀୟ ସିନେମାରେ ତାପସୀ ପାନ୍ନୁ ଅନ୍ୟତମ ଲୋକପ୍ରିୟ ଏବଂ ବ୍ୟସ୍ତ ଅଭିନେତ୍ରୀ। ସେ ବଲିଉଡ୍‌ରେ ବି ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିବାରେ ସଫଳ ହୋଇଛନ୍ତି। ସେ ମାନସିକଭାବେ ବହୁତ ଷ୍ଟ୍ରଙ୍ଗ। ଯେତେବେଳେ ସେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଆଦୌ ବ୍ୟସ୍ତ ବିବ୍ରତ ହୋଇପଡନ୍ତି ନାହିଁ। ଘଟଣାକୁ ଥଣ୍ଡା ମିଜାସରେ ସାମନା କରନ୍ତି। ଆଉ ତାପସୀଙ୍କ ଜୀବନଶୈଳୀ ବି ଅନ୍ୟମାନଙ୍କ ଠାରୁ ନିଆରା ବୋଲି କହିଲେ ଭୁଲ ହେବ ନାହିଁ। ସବୁବେଳେ ସେ ସାଧାରଣ ଜୀବନ ବିତାଇବାକୁ ଚାହାନ୍ତି। ତାଙ୍କ ମତରେ ସରଳ ଜୀବନରୁ ଜଣେ ଅନେକ କିଛି ଶିଖିଥାଏ ଏବଂ ନିଜ ଜୀବନ ରଥକୁ ବେଶ୍ ସୁରୁଖୁରୁରେ ଆଗକୁ ଆଗେଇ ନିଏ। ଅଭିନୟ ପୂର୍ବରୁ ତାପସୀ ୨୦୦୮ରେ ମିସ୍ ଇଣ୍ଡିଆ ପ୍ରତିଯୋଗିତରେ ଅଂଶ ଗ୍ରହଣ କରିଥିଲେ। ଯଦିଓ ସେ ଟାଇଟଲ ଜିତି ପାରି ନ ଥିଲେ ହେଲେ ସେହି ସଂସ୍କରଣରେ ତାଙ୍କୁ 'ଫେମିନା ମିସ୍ ଫ୍ରେଶ୍ ଫେଶ୍' ଏବଂ 'ସାଫି ଫେମିନା ମିସ୍ ବିୟୁଟିଫୁଲ ସ୍କିନ୍' ଉପାଧି ପାଇଥିଲେ। ଷ୍ଟାଣ୍ଡାର୍ଡ-୪ରେ ପଢ଼ିବା ବେଳେ ସେ କଥକ ଏବଂ ଭାରତନାଟ୍ୟମ ଶିଖିବା ଆରମ୍ଭ କରିଥିଲେ। ଆଉ ଅନେକ ଡ୍ୟାନ୍ସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କାର ଜିତିଥିଲେ।


ତାପସୀ

# ଟିକେ ଲୁହ ଟିକେ ଖୁସି


'ମୈନେ ପ୍ୟାର କିୟା'ରେ ସଲମାନ

ଥରେ ମନେ ପକାନ୍ତୁ ନା ସୁରଜ ବଡ଼ଜ୍ୟାତାଙ୍କ ନିର୍ଦ୍ଦେଶିତ ତଥା ୧୯୮୯ରେ ରିଲିଜ ହୋଇଥିବା ସୁପରହିଟ୍ ଫିଲ୍ମ 'ମୈନେ ପ୍ୟାର୍ କିୟା'କୁ। ଏହି ଫିଲ୍ମରୁ ସଲମାନ ସୋଲୋ ନାୟକ ଭାବରେ ଏଣ୍ଟ୍ରି କରିଥିଲେ। ଏହି ଫିଲ୍ମର ପ୍ରାରମ୍ଭିକ କାମଠାରୁ ଆରମ୍ଭ କରି ଶୁଟିଂ ଶେଷ ହେବା ପର୍ଯ୍ୟନ୍ତ ଘଟିଥିବା ସବୁ ଘଟଣା ଏବେ ବି ତାଙ୍କ ମନରେ ସତେଜ ହୋଇ ରହିଛି। ଯେତେବେଳେ ସେ ଏହାର କାହାଣୀ ଶୁଣିଥିଲେ ସେତେବେଳେ ଭାବିଥିଲେ ଯେ ଏହି ରୋଲ୍ ପାଇଁ ସେ ଫିଟ୍ ନୁହନ୍ତି। ଏ ବିଷୟରେ ଖୋଦ୍ ସଲମାନ କହନ୍ତି, 'ଯେତେବେଳେ ପ୍ରଥମେ କାହାଣୀ ଶୁଣିଲି ସେତେବେଳେ ଭାବିଥିଲି ଅନୀଲ କପୁର ହିଁ ଏହି ଭୂମିକାକୁ ସକସେସ୍ କରିପାରିବେ। ମୋତେ ସେତେବେଳେ ମାତ୍ର ୧୮ ବର୍ଷ। ଶୁଟିଂ ସମୟରେ ବିଶ୍ୱାସ କରିପାରୁ ନ ଥିଲି ଯେ ବଲିଉଡ୍‌ର ଏକ ନାମୀ ବ୍ୟାନର ରାଜଶ୍ରୀ ପ୍ରଡକ୍ସନରେ ମୁଁ କାମ କରୁଛି। ଯେତେବେଳେ 'କବୁତର ଯା..ଯା..' ଗୀତଟି ଶୁଟିଂ ହେଉଥିଲା ସେତେବେଳେ ମୁଁ ଇମୋଶନାଲ ହୋଇପଡିଥିଲି। ଶଟ୍ ଦେବି କ'ଣ, ଭାବନା ରାଇଜରେ ଏମିତି ବୁଡିଗଲି ଯେ ମୋ ଆଖିରେ ଲୁହ ଚାଲି ଆସିଲା। ହେଲେ ସେହି ଲୁହ ଥିଲା ଖୁସି ମିଶ୍ରିତ। ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଆଉ ସେଥିପାଇଁ ଆଜି ପର୍ଯ୍ୟନ୍ତ ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି।' ଏହି ଫିଲ୍ମରେ ସଲମାନଙ୍କ ବ୍ୟତୀତ ନବାଗତା ଭାଗ୍ୟଶ୍ରୀ ଏବଂ ଆଲୋକ ନାଥ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ତା'ସହ ରାମ-ଲଖନ୍‌ଙ୍କ ଦ୍ୱାରା ସଂଯୋଜିତ ଗୀତଗୁଡିକୁ ଏବେ ମଧ୍ୟ ଅନେକେ ଗୁଣୁଗୁଣେଇ ଥାଆନ୍ତି। ମାତ୍ର ଏକ କୋଟି ବଜେଟରେ ନିର୍ମିତ ଏହି ଫିଲ୍ମଟି ସେତେବେଳେ ୨୮କୋଟି ଆୟ କରିବାରେ ସକ୍ଷମ ହୋଇଥିଲା।

ପ୍ରଥମ ରୋଜଗାର

# ପେଟ୍ରୋଲ ପମ୍ପରୁ ହୋଇଥିଲା ପ୍ରଥମ ରୋଜଗାର



ଗାଳ୍ପିକ ସୁଜିତ କୁମାର ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଗୋଟେ ନିମ୍ନ ମଧ୍ୟବିତ୍ତ ପରିବାରର ପଞ୍ଚମ ସନ୍ତାନର ଜୀବନ କେତେ ଦୁର୍ବିଷହ ତାହା କେବଳ ଅଙ୍ଗେ ନିଭାଇଥିବା ବ୍ୟକ୍ତି ହିଁ ବୁଝିପାରିବ। ସେତେବେଳେ ବାବାଙ୍କ ଅବସରକାଳୀନ ଭତ୍ତା ହିଁ ଥିଲା ଆମ ପରିବାରର ମୁଖ୍ୟ ଆୟ। ଅବଶ୍ୟ ଅନେକ ଜମିଜମା ଥିଲା, କିନ୍ତୁ ପୁରୁଣା ଚାଷରୁ ଅମଳ ହେଉଥିବା ଧାନକୁ ବିକ୍ରିକରି ପୁଣି ନୂଆ ଚାଷ କରାଯାଉଥିଲା। ମୋଟାମୋଟି କହିବାକୁ ଗଲେ, ନା ଲାଭ ନା କ୍ଷତିରେ ଚାଲୁଥିଲା ଆମର ଚାଷ ବ୍ୟବସାୟ। ଯଦି କେଉଁ ବର୍ଷ ଅଦିନିଆ ବର୍ଷା ବା ମରୁଡ଼ି ହେଲା ତ ସବୁ ଶେଷ। ଏମିତି ଏକ ଅନିଶ୍ଚିତତା ମଧ୍ୟରେ ମୋର ପିଲାଦିନ କଟିଥିଲା। କଲେଜ ମାଡ଼ୁ ମାଡ଼ୁ ଜାଣି ଯାଇଥିଲୁ କି ଜୀବନରେ ନିଜକୁ ନିଜେ ମଣିଷ ହେବାକୁ ପଡ଼ିବ। ଚାରି ଭାଇ ମଧ୍ୟରୁ ସେତେବେଳେ କେହି ଜଣେ ବି ଚାକିରି କରି ନ ଥାନ୍ତି। ମଝିଆଁ ଭାଇ ପ୍ରାଇଭେଟ କଲେଜରେ ଅଧ୍ୟାପକ ତାହା ପୁଣି ନାମକୁ ମାତ୍ର ଦରମାରେ। ସାନ ମଝିଆ ଭାଇ (ମୋ ଉପର ଭାଇ) ଭୁବନେଶ୍ୱରରେ ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥାନ୍ତି। ବିନା କିଛି ଆର୍ଥିକ ସାହାଯ୍ୟରେ ଭାଇ ପରୀକ୍ଷା ପାଇଁ ଚେଷ୍ଟା କରୁଥାନ୍ତି। ଏସବୁ ଦେଖି ମୋର କିଛି ମାତ୍ରାରେ ହୃଦୟଙ୍ଗମ ହୋଇଯାଇଥିଲା ଯେ ପାଠପଢ଼ା ସରିଲେ ମୋତେ ମଧ୍ୟ ଚାକିରି ପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିବ। ପୋଷ୍ଟ ଗ୍ରାଜୁଏଶନ ପରୀକ୍ଷା ସରିଯାଇଥାଏ। କିଛିଦିନ ପାଠପଢ଼ାରେ ଶିଥିଳ ହୋଇଯାଇଥିଲି। ପ୍ରାୟ ସମୟ କ୍ରିକେଟ ଖେଳରେ ଆଉ ବଜାରରେ ଖଟି କରୁ କରୁ ବିତୁଥିଲା। ହଠାତ ଦିନେ ସାନ ମଝିଆ ଭାଇ କହିଲେ, କେତେଦିନ ଏମିତି ବାଲୁଙ୍ଗା ହୋଇ ବୁଲୁଥିବୁ। ଏଇ ଖେଳ ଆଉ ସାଙ୍ଗ ସହ ଖଟିରେ ପେଟ ପୂରେନି। ସରକାରୀ ଚାକିରିଟିଏ କଲେ ନିଜେ ଭଲରେ ରହିବା ସହ ଘରର ସମସ୍ତେ ଖୁସିରେ ରହିବେ। ଆଉ ଏଥିପାଇଁ ଅକ୍ଳାନ୍ତ ପରିଶ୍ରମ ଓ ଖୁବ୍ ସଂଘର୍ଷ କରିବାକୁ ପଡ଼ିବ। ପାରିବୁ ତ ? ଜୀବନରେ ଯଦି କିଛି ଗୋଟେ ବଡ଼ କରି ଦେଖେଇବାର ଅଛି, ମଣିଷ ହେବାର ଇଚ୍ଛା ଅଛି, ତେବେ ମୋ ସହ ଭୁବନେଶ୍ୱର ଚାଲ। ଭାଇଙ୍କର ସେଇ ପଦୁଟିଏ କଥା ମୋ ମନରେ ସରକାରୀ ଚାକିରି କରିବା ପାଇଁ ଜୋସ୍ ଭରିଦେଲା। ତାଙ୍କ କଥା ମାନି ଭୁବନେଶ୍ୱରରେ ପାଦଦେବା ପରେ ତାଙ୍କର ଦୟନୀୟ ଆର୍ଥିକ ପରିସ୍ଥିତି ଦେଖି ଆଶ୍ଚର୍ଯ୍ୟ ହୋଇଗଲି। ଭାଇ ସେତେବେଳେ ଟ୍ୟୁଶନ କରି ଘରଭଡ଼ା ଦେବା ସହ ନିଜର ଯାବତୀୟ ଖର୍ଚ୍ଚ ବହନ କରୁଥିଲେ। ମୁଁ ଆସି ତାଙ୍କ ଉପରେ ଆଉ ଗୋଟେ ବୋଝ ହୋଇଗଲି। ସେତେବେଳେ ସଙ୍ଗେସଙ୍ଗେ ଟ୍ୟୁଶନ ମିଳିବା ସହଜ ନ ଥିଲା। ତେଣୁ କିଛି ନା କିଛି କାମ କରିବା ନିହାତି ଜରୁରୀ ହୋଇପଡିଲା। ଦିନେ ଭାଇଙ୍କର ଜଣେ ସାଙ୍ଗ ଭାଇଙ୍କୁ ପଚାରିଲେ, ରାଜୁ ତୋ ସାନଭାଇ ତ କମର୍ସରେ ପୋଷ୍ଟ ଗ୍ରାଜୁଏଟ, ତୃପ୍ତି ପେଟ୍ରୋଲ ପମ୍ପରେ ମ୍ୟାନେଜର ଦରକାର ଅଛି କହିଲେ ତାକୁ ରଖିଦେବି। ମ୍ୟାନେଜର ପୋଷ୍ଟ କଥା ଶୁଣି ଭାଇ ରାଜି ହୋଇଗଲେ। ତହିଁ ପରଦିନ ମୁଁ ତୃପ୍ତି ପେଟ୍ରୋଲ ପମ୍ପରେ ପହଞ୍ଚିଗଲି। କିନ୍ତୁ ତୃପ୍ତି ପେଟ୍ରୋଲ ପମ୍ପରେ ମ୍ୟାନେଜର ପୋଷ୍ଟ ନୁହେଁ ; ବରଂ ଚାରି ଚକିଆ ଗାଡ଼ିରେ ପେଟ୍ରୋଲ ଭରିବା ପାଇଁ ଲୋକର ଦରକାର ଥିଲା। ତାହା ବି ପୁଣି ଦୈନିକ ଚୁକ୍ତି ଭିତ୍ତିରେ। ବିରସ ମନରେ ଫେରିଆସିବା ପାଇଁ ଚିନ୍ତା କରୁଥିଲି। କିନ୍ତୁ ଭାଇଙ୍କର ସେତେବେଳର ଆର୍ଥିକ ପରିସ୍ଥିତିର ଚିତ୍ର ମୋ ଆଖି ଆଗରେ ନାଚି ଉଠିଲା। ଜୀବନରେ ଅନେକ ନିଷ୍ପତ୍ତି ଅଚାନକ ନେବାକୁ ପଡ଼େ। ଭୁଲ୍ ଠିକ୍ କିଛି ଆଗପଛ ନ ଭାବି ହାତ ପାଆନ୍ତାରେ ମିଳୁଥିବା କାମଟି କରିବା ପାଇଁ ରାଜି ହୋଇଗଲି। ସେଦିନ ପେଟ୍ରୋଲ ପମ୍ପରେ ଦିନସାରା ଛିଡା ହୋଇ ପେଟ୍ରୋଲ ଭରିବା ପରେ ରାତି ଦଶଟାରେ ମୋତେ ମିଳିଥିଲା କୋଡ଼ିଏ ଟଙ୍କା ; ମୋ ଜୀବନର ପ୍ରଥମ ରୋଜଗାର। ଦୁଇଟି ଦଶ ଟଙ୍କିଆ ନୋଟ୍‌କୁ ହାତରେ ଧରୁଧରୁ ଆଖିରେ ଆଖିଏ ଲୁହ ଜମାଟ ବାନ୍ଧି ସାରିଥାଏ। ସେହି ମୁହୂର୍ତ୍ତରେ ମନ ଭିତରେ ଯେଉଁ ଅନନ୍ୟ ସୁଖାନୁଭୂତି ଅନୁଭବ କରିଥିଲି ତାହା କେବେ ଏ ଜୀବନରେ ଭୁଲି ପାରିବି ନାହିଁ। ରାତିରେ ଘରେ ପହଞ୍ଚି ଭାଇଙ୍କ ହାତରେ ଦଶଟଙ୍କିଆ ନୋଟ୍ ଦୁଇଟି ଧରାଇ ଦେଇ ପେଟ୍ରୋଲ ପମ୍ପର ଚାକିରି ବିଷୟରେ ସବୁ ସତସତ କହିଦେଲି। ନୋଟ୍ ଦୁଇଟି ଧରି ଭାଇ ମୋ ମୁହଁକୁ ସ୍ତବ୍ଧ ହୋଇ ଅନେଇଥାନ୍ତି। ଛାତି ଭିତରେ କୁହୁଳି ଉଠୁଥିବା କୋହ ସବୁ ଆଖିରେ ତାଙ୍କର ଲୁହ ରୂପେ ଜମାଟ ବାନ୍ଧିସାରିଥାଏ। କିଛି ସମୟର ନୀରବତା ପରେ ମୋ ମୁଣ୍ଡରେ ହାତ ରଖି କହିଲେ ଜୀବନର ପ୍ରଥମ ପରୀକ୍ଷାରେ ତୁ ପାସ୍ ହୋଇଗଲୁ। ତୋର ବି ସମୟ ଆସିବ, ଦେଖିବୁ ତୁ ଦିନେ ଏଇ ରାଜଧାନୀର ରାଜରାସ୍ତାରେ ଚାରି ଚକିଆ ଧରି ବୁଲିବୁ। ଭାଇଙ୍କର ଆଶୀର୍ବାଦରୁ ସେଦିନର ଭବିଷ୍ୟତବାଣୀ ଆଜି ସତ ହୋଇଛି। ପେଟ୍ରୋଲ ପମ୍ପରୁ ଆରମ୍ଭ ହୋଇଥିବା ସେଇ ଚାକିରି ଆଜି ଓଡ଼ିଶା ରାଜ୍ୟ ମୁଖ୍ୟ ବିଭାଗୀୟ ଦପ୍ତର ଉପବିଭାଗ ଅଧିକାରୀ ପଦବୀରେ ପହଞ୍ଚି ପାରିଛି। ଆଜି ବି ଏକା ସଙ୍ଗେ ଦୁଇଟି ଦଶ ଟଙ୍କିଆ ନୋଟ୍ ଦେଖିଲେ ପ୍ରଥମ ରୋଜଗାରର ଶିହରଣ ମୋ ତାଳରୁ ତଳିପା ଯାଏ ଖେଳିଯାଏ।

# ନୀଳନୟନାର ଚୋରା ଚାହାଣୀ, ନିଇତି ଲେଖଇ ପ୍ରେମ କାହାଣୀ

ସାଥୀ



**ପ୍ରଶ୍ନ**—ସେହି ସୁନ୍ଦରୀର ଚୋରା ଚାହାଣୀ ମୋତେ ପାଗଳ କରିଛି। ସେହି ଚାହାଣୀରେ କ'ଣ ପ୍ରେମ ଭରି ରହିଛି ? *—ଆଶୁତୋଷ, ଢେଙ୍କାନାଳ*

**ଉତ୍ତର:** ସୁନ୍ଦରୀଙ୍କ ଚାହାଣୀରେ ପ୍ରେମର ମଦିରା ଭରି ରହିଥାଏ। ଥରେ ଯଦି ସେମାନଙ୍କ ଆଖି ସହ ଆଖି ମିଶିଯାଏ, ବାସ୍, ସେଇଠୁ କିଛି ନୂଆ ଘଟଣା ଆରମ୍ଭ ହୁଏ। କାରଣ ତରୁଣୀଙ୍କ ଆଖି ଅନେକ କଥା କହିଥାଏ। 'ନୀଳନୟନାର ଚୋରା ଚାହାଣୀ, ନିଇତି ଲେଖଇ ପ୍ରେମ କାହାଣୀ'। ସେହି ଚାହାଣୀରୁ ହିଁ ପ୍ରେମର ସୁରୁଆତ୍ ହୋଇଥାଏ। ହେଲେ ମଗଜ ଖଟାଇ ତାହାକୁ ବୁଝି ପାରିଲେ ହେଲା। ଯଦି ତାକୁ ନେଇ କେବଳ ଭାବନା ରାଜ୍ୟରେ ବୁଡି ରହନ୍ତି, ତେବେ ହୁଏତ ଚାନ୍ସଟା ହାତରୁ ଖସି ଯାଇପାରେ। ତେଣୁ ଯେଉଁ ସୁନ୍ଦରୀଙ୍କ ଚୋରା ଚାହାଣୀ ଆପଣଙ୍କୁ ମତୁଆଲା କରିଛି, ପ୍ରଥମେ ସେଥିରେ ପ୍ରେମର ବାସ୍ନା ଅଛି କି ନାହିଁ ଭଲ ଭାବରେ ପରଖି ନିଅନ୍ତୁ। ଆଉ ବେଳ କାଳ ଦେଖି ବହି ଏମିତି ସେଟିଂ କରିଦିଅନ୍ତୁ ଯେ ତା'ପରେ କେବଳ ସୋନେ ପେ ସୁହାଗା !

**ପ୍ରଶ୍ନ**—ମୋ ପ୍ରେମିକା କଥା କଥାରେ ରାଗି ଯାଉଛି। ତାକୁ କେମିତି ବୁଝାଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ? *—ପ୍ରୀତମ୍, କେନ୍ଦ୍ରାପଡା*

**ଉତ୍ତର:** ରାଗ, ଅଭିମାନ ହେଉଛି ପ୍ରେମର ଗହଣା। କାରଣ ବେଳେବେଳେ ଏହା ଭିତରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ପ୍ରେମିକା ଯଦି ସବୁବେଳେ ମିଛିମିଛିକା ରାଗୁଛି ତେବେ ଧରି ନିଅନ୍ତୁ ଆପଣଙ୍କ ପ୍ରେମର ଫାଉଣ୍ଡେସନ ଷ୍ଟ୍ରଙ୍ଗ ହେଉଛି। ଯଦି ପ୍ରେମିକା ରାଗି ଯାଉଛି, ତେବେ ତାକୁ ନେଇ ଟେନ୍‌ସନ୍ ନେଉଛନ୍ତି କିଆଁ ? ପ୍ରେମିକାକୁ ନେଇ ଲଙ୍ଗ୍ ଡ୍ରାଇଭରେ ଯାଆନ୍ତୁ ନା ! ଦେଖିବେ ପ୍ରକୃତିର ମନୋରମ ପରିବେଶରେ ସେ ଘେରାଏ ବୁଲି ଆସିଲେ ତା' ରାଗିଲା ମୁହଁରେ ହସର ଜୁଆର ସ୍ୱତଃ ଆସିଯିବ।

**ପ୍ରଶ୍ନ**—ପ୍ରେମ ନିଶା କ'ଣ ସତରେ ଗାଢ଼ ? *—ତପନ ରାଉତ, ରାଉରକେଲା*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି—ପ୍ୟାର୍ କା ଲଡ୍ଡୁ ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। କେବଳ ଭଲ ପାଇଲେ ତ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି କେବଳ ନାମକୁ ମାତ୍ର ପ୍ରେମ କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**—ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ? *—ଶରତ ନାଥ, ପୁରୀ*

**ଉତ୍ତର:** ଯାହାକୁ ଏତେ ଥର ଆଇ ଲଭ ୟୁ କହି ସାରିଲେଣି, ସେ ବୋଧହୁଏ ତାକୁ ତର୍ଜମା କରୁଛି। ଏହାର ଉତ୍ତର ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**—ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ? *—ବିକାଶ କୁମାର, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ରଚିତ କବିତା ପ୍ରେମିକା ମଜଗରେ ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ସେ ପଢ଼ିବାକୁ ଚେଷ୍ଟା କରିବେ।

# ଗଣେଶ ପୂଜା ଲୁକ୍

## ଗଣେଶ ପୂଜା ଅବସରରେ କେଉଁ ଟାଇପ୍‌ର ଆଉଟ୍‌ଫିଟ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିବା ସହ ଅନ୍ୟମାନଙ୍କଠାରୁ ବାରି ହୋଇଯିବେ ଜାଣନ୍ତୁ ସେ ସମ୍ପର୍କରେ...





**✲ ପ୍ଲାଜୋ ସୁଟ୍ :** ଏହି ସୁଟ୍‌ରେ ଯୁବତୀମାନେ ଫ୍ୟାଶନେବଲ ଦେଖାଯିବା ସହ ଟ୍ରେଣ୍ଡି ଲୁକ୍ ବି ପାଇଥାନ୍ତି। ପୂଜାପାର୍ବଣ ହେଉ ଅଥବା ଫ୍ୟାମିଲି ଫଙ୍କ୍‌ସନ୍ କିମ୍ବା କୌଣସି ସ୍ପେଶାଲ୍ ଅକେଜନ୍‌ରେ ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇବାକୁ ଇଚ୍ଛା ଥିଲେ, ପ୍ଲାଜୋ ସୁଟ୍ ଟ୍ରାଏ କରନ୍ତୁ ଦେଖିବେ ଲୁକ୍ କେତେ ସୁନ୍ଦର ଦେଖାଯିବ।

**✲ ଅନାରକଲି ସୁଟ୍:** ଏହି ଟାଇପ୍‌ର ସୁଟ୍ ଯୁବତୀଙ୍କୁ ରୟାଲ୍ ଲୁକ୍ ଦେଇଥାଏ। ଗଣେଶ ପୂଜା ଅବସରରେ ପିନ୍ଧିବା ପାଇଁ ଏହା ଅନ୍ୟ ଏକ ପରଫେକ୍ଟ ଅପ୍ସନ ହୋଇପାରିବ। ଏହି ସୁଟ୍ ସାଙ୍ଗକୁ ମ୍ୟାଚିଂ ଜୁଏଲେରି ପିନ୍ଧି ଯୁବତୀ ନିଜକୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ଦେଇପାରିବେ।

**✲ ଶରାରା ସୁଟ୍:** ଏହି ସୁଟ୍‌ର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। କେବଳ ପାର୍ଟି, ଫଙ୍କ୍‌ସନ୍ କାହିଁକି ପୂଜାପାର୍ବଣ ସମୟରେ ବି ଏବେ ଅଧିକାଂଶ ଯୁବତୀ ଶାଢ଼ି, ଲେହେଙ୍ଗା ପରିବର୍ତ୍ତେ ଶରାରା ସୁଟ୍ ପିନ୍ଧିବାକୁ ବେଶି ପସନ୍ଦ କରୁଛନ୍ତି। କାରଣ ଏହି ଆଉଟ୍‌ଫିଟ୍ ଦେଖିବାକୁ ଯେମିତି ଟ୍ରେଣ୍ଡି ଲାଗେ ପିନ୍ଧିବାକୁ ସେମିତି କମ୍ଫର୍ଟେବଲ୍ ଲାଗିଥାଏ।

**✲ ପେପ୍ଲମ୍ କୁର୍ତ୍ତା:** ଗଣେଶ ପୂଜା ଅବସରରେ ଧୋତି ପ୍ୟାଣ୍ଟ ସାଙ୍ଗକୁ ପେପ୍ଲମ୍ କୁର୍ତ୍ତା ବି ଟ୍ରାଏ କଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ। ଏହି ଟାଇପ୍‌ର ଗେଟ୍‌ଅପ୍ ସାଙ୍ଗକୁ ଲମ୍ବା ଇୟରିଂ ପିନ୍ଧି ଚୁଟି ଖୋଲା ଛାଡିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।



**✲ ନାଲି ରଙ୍ଗର ଶାଢି:** ଯେହେତୁ ପ୍ରଭୁ ଗଣେଶଙ୍କର ନାଲି ରଙ୍ଗ ଖୁବ୍ ପସନ୍ଦ, ତେଣୁ ଗଣେଶ ପୂଜା ଅବସରରେ ଯୁବତୀ ଚାହିଁଲେ ନାଲି ରଙ୍ଗର ବନାରସୀ ଶାଢି ହେଉ ଅଥବା କାଞ୍ଜିବରମ୍ କିମ୍ବା ସିଲ୍କ ଶାଢ଼ି ଅବା ରଫଲ୍ସ ଶାଢ଼ି/ ବାନ୍ଧେନି ଶାଢ଼ି/ ସିଫନ୍ ଶାଢ଼ି ଆଦି ପିନ୍ଧି ନିଜକୁ ଟିକେ ଡିଫରେଣ୍ଟ ଲୁକ୍ ଦେଇପାରିବେ। କେବଳ ନାଲି ରଙ୍ଗ କାହିଁକି ନିଜକୁ ମାନିଲା ଭଳି ଯେ କୌଣସି ରଙ୍ଗର ଶାଢି ପିନ୍ଧି ଯୁବତୀ ଚାହିଁଲେ ଆରାମରେ ପରଫେକ୍ଟ ଗଣେଶ ପୂଜା ଲୁକ୍ ପାଇପାରିବେ।

**✲ ସ୍ୱିକେନ୍ସ ଆଉଟ୍‌ଫିଟ୍ :** ଯଦି ଅନ୍ୟମାନଙ୍କଠାରୁ ଟିକେ ଡିଫରେଣ୍ଟ ଦେଖାଯିବାକୁ ଚାହୁଁଥାନ୍ତି, ତା'ହେଲେ ଗଣେଶ ପୂଜା ଅବସରରେ ଯୁବତୀ ଚାହିଁଲେ ସ୍ୱିକେନ୍ସ ଶାଢ଼ି ହେଉ ଅଥବା ସ୍ୱିକେନ୍ସ ଚୁଡ଼ିଦାର ସେଟ୍ ପିନ୍ଧି ନିଜକୁ ଭିନ୍ନ ଲୁକ୍ ଦେଇପାରିବେ। ଏହି ଟାଇପ୍‌ର ଆଉଟ୍‌ଫିଟ୍ ସାଙ୍ଗକୁ ସିଲ୍‌ଭର କିମ୍ବା ଅକ୍ସିଡାଇଜ୍ଡ ଜୁଏଲେରୀ ବେଶ୍ ମାନିଥାଏ।

**✲ ମିରର୍ ୱାର୍କ କୁର୍ତ୍ତା ସେଟ୍:** ମିରର୍ କାମ୍ ହୋଇଥିବା କୁର୍ତ୍ତା ହେଉ ଅଥବା ଶାଢ଼ି କିମ୍ବା ସାଲୱାର୍ ସୁଟ୍ ବି ଗଣେଶ ପୂଜା ଅବସରରେ ପିନ୍ଧାଯାଇପାରେ। ହେଲେ ଧ୍ୟାନ ଦେବେ ଏହି ଟାଇପ୍‌ର ଆଉଟ୍‌ଫିଟ୍ ଟ୍ରାଏ କଲାବେଳେ ଯେତେ ସମ୍ଭବ ହାଲ୍‌କା ମେକ୍‌ଅପ୍ ଓ ହାଲ୍‌କା ଜୁଏଲେରି ପିନ୍ଧିବେ ସେତେ ଭଲ ଲୁକ୍ ମିଳିବ।





ଟିନା

## ହାଃ ହାଃ

### ଦାନ୍ତ

ଡାକ୍ତର ରମେଶକୁ: ତୁମର ଆଗ ତିନି ଦାନ୍ତ କେମିତି ଭାଙ୍ଗିଲା ?
ରମେଶ: ସ୍ତ୍ରୀ ପଥର ଭଳି ଟାଣ ରୁଟି ତିଆରି କରିଥିଲା ।
ଡାକ୍ତର: ତା'ହେଲେ ତମେ ଖାଇଲ କାହିଁକି ମନା କଲନି ।
ରମେଶ: ମୁଁ ଖାଇବାକୁ ମନା କରିବାରୁ ତ ଏଇ ଅବସ୍ଥା ହେଲା ।

### କଞ୍ଜୁସ

କଞ୍ଜୁସ ରାଘବର ପୁଅ ପିଣ୍ଟୁ ଗର୍ଲଫ୍ରେଣ୍ଡ ସହ ଡେଟ୍‌ରେ ଯାଇଥାଏ । ଏକଥା ଜାଣିବା ପରେ ରାଘବ ପିଣ୍ଟୁକୁ: କୁଳାଙ୍ଗାର କେତେ ଖର୍ଚ୍ଚ କରିକି ଆସିଲୁ ?
ପିଣ୍ଟୁ: ୫୦୦ଟଙ୍କା ।
ରାଘବ: ଏତେ ଟଙ୍କା ! ଲାଜ ଲାଗୁନି ।
ପିଣ୍ଟୁ: ତା' ପାଖରେ ତ ଏତିକି ହିଁ ଥିଲା ।

### ଏକ୍ସ-ରେ

ଡାକ୍ତର ଟିଙ୍କୁକୁ: ଏକ୍ସ-ରେ ରେ ତୁମର ହାଡ଼ ଭାଙ୍ଗିଥିବା ଜଣା ପଡୁଛି ।
ଟିଙ୍କୁ: ଯାହା ହଉ ଭଗବାନଙ୍କ କୃପାରୁ ଏକ୍ସ-ରେ ରେ ହାଡ଼ ଭାଙ୍ଗିଛି । ସତରେ ମୋ ଗୋଡ ହାଡ ଭାଙ୍ଗିଥିଲେ ଭାରି ଅସୁବିଧା ହେଇଥାନ୍ତା ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ଦଗଡୁଶେଠ୍ ହଲୱାଇ ଗଣପତି ମନ୍ଦିର







ମହାରାଷ୍ଟ୍ରର ପୁଣେଠାରେ ରହିଛି ଏକ ପ୍ରସିଦ୍ଧ ଗଣେଶ ମନ୍ଦିର ; ଯାହା ଦଗଡୁଶେଠ୍ ହଲୱାଇ ଗଣପତି ମନ୍ଦିର ନାମେ ବେଶ୍ ପରିଚିତ। ଏହି ମନ୍ଦିରକୁ ଶ୍ରୀମନ୍ତ ଦଗଡୁଶେଠ୍ ହଲୱାଇ ନାମକ ଜଣେ ବ୍ୟକ୍ତି ନିର୍ମାଣ କରିଥିଲେ ବୋଲି ସୂଚନା ରହିଛି। ଯେଉଁଥିପାଇଁ ଏହି ମନ୍ଦିରର ଏପରି ନାମକରଣ ହୋଇଥିବା ବିଶ୍ୱାସ କରାଯାଏ।

## ଇତିହାସ

ଆଜକୁ ପ୍ରାୟ ଶତାଧିକ ବର୍ଷ ତଳେ ପୁଣେରେ ଶ୍ରୀମନ୍ତ ଦଗଡୁଶେଠ୍ ହଲୱାଇ ନାମକ ଜଣେ ବ୍ୟକ୍ତି ସପରିବାରେ ମିଠା ବ୍ୟବସାୟୀ କରି ଚଳୁଥିଲେ। ପରିବାର କହିଲେ ଧର୍ମପତ୍ନୀ ଲକ୍ଷ୍ମୀବାଇ ଓ ଏକମାତ୍ର ପୁଅ। ହଠାତ୍ ଦିନେ ପୁଅ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ଆଖି ବୁଜେ। ପୁଅକୁ ହରାଇ ପାଗଳପ୍ରାୟ ହୋଇଯାନ୍ତି ମା'ବାପା। ଜଣେ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଓ ତାଙ୍କରି ପରାମର୍ଶରେ ପୁଣେରେ ଏକ ଗଣେଶ ମନ୍ଦିର ନିର୍ମାଣ କରି ପ୍ରଭୁ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରି ଦିଅନ୍ତି ଉଭୟ ପତିପତ୍ନୀ। ପରେ ପରେ କେହି ଉତ୍ତରାଧିକାରୀ ନଥିବାରୁ ଦଗଡୁଶେଠ୍ ନିଜର ପୁତୁରା ଗୋବିନ୍ଦଶେଠ୍‌କୁ ଧରମ ପୁଅ ଭାବେ ଗ୍ରହଣ କରି ପୁଣି ଥରେ ନୂଆ ରୂପେ ଜୀବନ ଜିଇଁବାକୁ ଆରମ୍ଭ କରନ୍ତି। ମିଠା ବ୍ୟବସାୟ ସାଙ୍ଗକୁ ଗଣେଶ ମନ୍ଦିରର ସମସ୍ତ ଦାୟିତ୍ୱ ସୂଚାରୁ ରୂପେ ତୁଲାଇବାକୁ ଲାଗନ୍ତି। ଦୟାବନ୍ତ ଦଗଡୁଶେଠ୍ ପ୍ରତିବର୍ଷ ପ୍ରଭୁଙ୍କର ଗଣେଶ ଉତ୍ସବ, ଦତ୍ତ ଜୟନ୍ତୀ ତଥା ଅନ୍ୟ ଉତ୍ସବଗୁଡ଼ିକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିବା ସହ ଲୋକମାନଙ୍କୁ ମାଗଣାରେ ପ୍ରସାଦ ବଣ୍ଟନ କରନ୍ତି। ସେଥିପାଇଁ ଲୋକେ ତାଙ୍କୁ ଖୁବ୍ ଆଦର କରନ୍ତି। ବାପାଙ୍କୁ ଦେଖିଦେଖି ପୁଅ ଗୋବିନ୍ଦଶେଠ୍‌ଙ୍କ ଭିତରେ ବି ପିଲାଟି ଦିନରୁ ଦୟାଭାବ, ଭକ୍ତିଭାବ ଜାଗ୍ରତ ହୁଏ। ହେଲେ ତାଙ୍କୁ ମାତ୍ର ୯ ବର୍ଷ ବୟସ ହୋଇଥିବାବେଳେ ଦଗଡୁଶେଠ୍‌ଙ୍କର ମୃତ୍ୟୁ ହୁଏ। ତା'ପରେ ଗୋବିନ୍ଦଶେଠ୍ ମା' ଲକ୍ଷ୍ମୀବାଇଙ୍କ ସହ ମିଶି ଦୋକାନ ଓ ମନ୍ଦିରର ଦାୟିତ୍ୱ ବୁଝନ୍ତି। ଏମିତି କିଛି ବର୍ଷ ବିତିବା ପରେ ଗୋବିନ୍ଦଶେଠ୍ ମନ୍ଦିରରେ ପୂଜା ପାଉଥିବା ପୁରୁଣା ଗଣେଶ ପ୍ରତୀମାଙ୍କୁ ବଦଳାଇ ସେଠାରେ ନୂଆ ଏକ

**ପ୍ରଭୁ ଗଣେଶଙ୍କୁ ସମର୍ପିତ ଦଗଡୁଶେଠ୍ ହଲୱାଇ ଗଣପତି ମନ୍ଦିର ହେଉଛି ପୁଣେର ଏକ ଲୋକପ୍ରିୟ ଦର୍ଶନୀୟ ସ୍ଥାନ। ପ୍ରତିବର୍ଷ ଗଣେଶ ପୂଜା ଅବସରରେ ଏଠାରେ ବିଶେଷ ପୂଜାର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବାକୁ ଏଠି ଭକ୍ତଙ୍କର ବେଶ୍ ଭିଡ଼ ଜମେ...**

ଗଣେଶ ପ୍ରତୀମା ସ୍ଥାପନ କରନ୍ତି ଏବଂ ପୁରୁଣା ଗଣେଶ ପ୍ରତୀମାଙ୍କୁ ନେଇ ସ୍ଥାନୀୟ ଅକ୍ରା ମାରୁତି ଚୌକଠାରେ ଥିବା ଏକ ମନ୍ଦିରରେ ସ୍ଥାପନ କରିଦିଅନ୍ତି ; ଯେଉଁଠାରେ ଏବେ ବି ଉକ୍ତ ପ୍ରତୀମା ପୂଜା ପାଉଥିବାର ସୂଚନା ରହିଛି। ତା'ସହିତ ଗୋବିନ୍ଦଶେଠ୍ ଆଉ ଏକ ନୂଆ ଗଣେଶ ମୂର୍ତ୍ତିକୁ ଆଣି ନିକଟସ୍ଥ ଅଞ୍ଚଳରେ ଥିବା ଜଗୋବା ଦାଦା ତାଲିମ୍‌କେନ୍ଦ୍ରରେ ସ୍ଥାପନା କରନ୍ତି। କାରଣ ଉକ୍ତ ତାଲିମ୍‌କେନ୍ଦ୍ରଟି ଥିଲା ଦଗଡୁଶେଠ୍‌ଙ୍କର ; ଯେଉଁଠାରେ କୁସ୍ତି ପ୍ରଶିକ୍ଷଣ ଦିଆଯାଉଥିଲା। ସୂଚନାନୁଯାୟୀ, ଦରଡୁଶେଠ୍ ବି ଥିଲେ ଜଣେ କୁସ୍ତି ପ୍ରଶିକ୍ଷକ। ସେଥିପାଇଁ ଦଗଡୁଶେଠ୍‌ଙ୍କୁ ଯେମିତି ଲୋକେ ଆଦର କରୁଥିଲେ ସେମିତି ତାଙ୍କ ପୁଅ ଗୋବିନ୍ଦଶେଠ୍‌ଙ୍କୁ ବି ସମସ୍ତେ ଶ୍ରଦ୍ଧା କରନ୍ତି। ୧୯୪୩ରେ ଗୋବିନ୍ଦଶେଠ୍‌ଙ୍କର ମୃତ୍ୟୁ ହୁଏ। ତା'ପରେ ତାଙ୍କ ପୁଅ ଦତ୍ତାତ୍ରେୟ ଗୋବନ୍ଦଶେଠ୍ ହଲୱାଇ ମନ୍ଦିର ଓ ମିଠା ଦୋକାନର ଦାୟିତ୍ୱ ନିଅନ୍ତି। ସେ ମଧ୍ୟ ଦଗଡୁଶେଠ୍ ହଲୱାଇ ଗଣପତି ମନ୍ଦିରରେ ପୂଜା ପାଉଥିବା ଦ୍ୱିତୀୟ ଗଣେଶ ପ୍ରତୀମାକୁ ବଦଳାଇ ତୃତୀୟ ଥର ପାଇଁ ନୂଆ ଏକ ପ୍ରତୀମା ସ୍ଥାପନ କରନ୍ତି ; ଯାହାଙ୍କୁ ଏବେ ବି ଉକ୍ତ ମନ୍ଦିରରେ ପୂଜା କରାଯାଉଥିବା ସୂଚନା ରହିଛି। ଏଥିସହିତ ଉକ୍ତ ଅଞ୍ଚଳରେ ଦଗଡୁଶେଠ୍‌ଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ମିଠା ଦୋକାନଟି ଏବେ ବି ତାଙ୍କ ଉତ୍ତରାଧିକାରୀଙ୍କ ଦ୍ୱାରା ଚାଲୁଥିବାର ନଜିର ମଧ୍ୟ ରହିଛି।

## ମନ୍ଦିରର କାରୁକାର୍ଯ୍ୟ

ଉକ୍ତ ମନ୍ଦିରର ନିର୍ମାଣଶୈଳୀ ବେଶ୍ ଆକର୍ଷକ। ଅବଶ୍ୟ ମଝିରେ ମଝିରେ ମୂଳ ମନ୍ଦିରର ସରଂଚନାରେ କିଛିଟା ପରିବର୍ତ୍ତନ କରାଯିବା ସହ ଏହାର ରକ୍ଷଣାବେକ୍ଷଣ ପାଇଁ ଅନେକ ଉନ୍ନତିମୂଳକ କାମ କରାଯାଇଛି। ଉକ୍ତ ମନ୍ଦିରଟିକୁ ଏଭଳି ଭାବେ ଗଢାଯାଇଛି ଯେ, ଜଣେ ଭକ୍ତ ମନ୍ଦିର ମଧ୍ୟକୁ ପ୍ରବେଶ ନ କରି ମଧ୍ୟ ବାହାରୁ ଥାଇ ପ୍ରଭୁ ଗଣେଶଙ୍କ ପ୍ରତୀମାକୁ ଭଲ ଭାବେ ଦର୍ଶନ କରିପାରିବେ। ସୂଚନାନୁଯାୟୀ, ବର୍ତ୍ତମାନ ଏଠାରେ ପୂଜା ପାଉଥିବା ପ୍ରଭୁ ଗଣେଶଙ୍କ ପ୍ରତୀମାର ଉଚ୍ଚତା ପ୍ରାୟ ୨.୨ ମିଟର ଓ ଚଉଡ଼ା ପାୟ ୧ ମିଟର ହେବ। ତା'ସହିତ ଉକ୍ତ ପ୍ରତୀମାଙ୍କ ଶରୀରରେ ପ୍ରାୟ ୪୦ କି.ଗ୍ରା ଓଜନ ବିଶିଷ୍ଟ ବିଭିନ୍ନ ପ୍ରକାରର ସୁନା ଅଳଙ୍କାର ଲାଗିଥିବାର ମଧ୍ୟ ପ୍ରାୟତଃ ଦେଖିବାକୁ ମିଳେ। ପ୍ରତିଦିନ ପ୍ରଭୁ ଗଣେଶଙ୍କର ପୂଜା, ଅଭିଷେକ ଓ ଆରତୀ ଦେଖିବାକୁ ଏଠାରେ ଭକ୍ତଙ୍କ ଭିଡ଼ ଜମେ। ଏଥିସହିତ ପ୍ରତିବର୍ଷ ଏଠାରେ ପ୍ରାୟ ଦଶଦିନ ଧରି ସ୍ୱତନ୍ତ୍ର ଗଣେଶ ଉତ୍ସବର ଆୟୋଜନ କରାଯାଇଥାଏ ; ଯାହାକି ଏଠାକାର ଅନ୍ୟତମ ଆକର୍ଷଣ। ଆଉ ଏହି ଉତ୍ସବର ସମସ୍ତ ଖର୍ଚ୍ଚ ଓ ମନ୍ଦିରର ରକ୍ଷଣାବେକ୍ଷଣର ଦାୟିତ୍ୱ ସବୁକିଛି ଶ୍ରୀମନ୍ତ ଦଗଡୁଶେଠ୍ ହଲୱାଇ ଗଣପତି ଟ୍ରଷ୍ଟ ବୁଝିଥାଏ। ତା'ସହିତ ଏହି ଟ୍ରଷ୍ଟ ତରଫରୁ ଏକ ବୃଦ୍ଧାଶ୍ରମ କରାଯାଇଛି, ପ୍ରାୟ ୪୦୦ ଜଣ ଗରିବ, ଅସହାୟ ପିଲାଙ୍କୁ ମାଗଣାରେ ରହିବା, ଖାଇବା ଓ ଶିକ୍ଷାଦାନ ବି ଦିଆଯାଉଛି। ଗରିବ ଲୋକଙ୍କ ପାଇଁ କେତୋଟି ମାଗଣା ଆମ୍ବୁଲାନ୍ସ ବ୍ୟବସ୍ଥା ମଧ୍ୟ ଉକ୍ତ ଟ୍ରଷ୍ଟ କରିଛି। ସତରେ ଏହି ମନ୍ଦିରର ମହିମା ଓ ଏହାର ଇତିହାସ ବେଶ୍ ମନଛୁଆଁ।





# ପାଉଁଜିର କଥା



ପାଉଁଜି ବିନା ନାରୀର ଶୃଙ୍ଗାର ଲାଗେ ଅଧା । ଆଉ ଏହି ପାଉଁଜିର କେବଳ ଧାର୍ମିକ ନୁହେଁ ବରଂ ବୈଜ୍ଞାନିକ ମହତ୍ତ୍ୱ ବି ଅଛି। ସେଗୁଡ଼ିକ କ'ଣ ଜାଣିବା ସେ ସମ୍ପର୍କରେ...



**ପା**ଉଁଜିର ଇତିହାସ ବହୁ ପୁରାତନ। ପ୍ରାୟ ୮୦୦୦ ବର୍ଷ ପୂର୍ବେ ସିନ୍ଧୁ ସଭ୍ୟତା ସମୟରେ ଝିଅ ଓ ମହିଳାମାନେ ପାଉଁଜି ପିନ୍ଧୁଥିବା ଜଣାଯାଏ। ପ୍ରିଡାଇନାଷ୍ଟିକ ଯୁଗରେ ଇଜିପ୍ଟର ସବୁ ବର୍ଗର ମହିଳାମାନେ ପାଉଁଜି ପିନ୍ଧୁଥିବା ବି ଜଣାପଡ଼ିଛି। ଏହି ପାଉଁଜି ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ପରିଚିତ। ଯେମିତି କି ପାୟଲ, ପଞ୍ଜିଲୁ, ଗୋଲୁସୁ, ନୂପୁର, ପାଜେବ, ପାଟିଲ ଆଦି। ପୂର୍ବେ ଓଜନିଆ ବଡ଼ ବଡ଼ ରୁପାର ପାଉଁଜି ପିନ୍ଧାଯାଉଥିଲା, ଯାହାକି କଡ଼ା ପରି ଲାଗୁଥିଲା। ହାମ୍ପିର ମୂର୍ତ୍ତିଗୁଡ଼ିକରେ ବି ପାଉଁଜି ଦେଖିବାକୁ ମିଳେ। ହିନ୍ଦୁଧର୍ମରେ ପାଉଁଜିକୁ ଶୁଭଙ୍କର ବୋଲି ବିଶ୍ୱାସ କରାଯାଏ। ଜ୍ୟୋତିଷ ଶାସ୍ତ୍ର କହେ, ରୁପା ପାଉଁଜିର ସମ୍ବନ୍ଧ ଚନ୍ଦ୍ର ସହ ଅଛି। ବାସ୍ତୁଶାସ୍ତ୍ରରେ ପାଉଁଜିକୁ ସକାରାତ୍ମକତା ସହ ଯୋଡ଼ା ଯାଇଛି। ଏହା ଅନୁଯାୟୀ ପାଉଁଜିର ଘୁଙ୍ଗୁରରୁ ନିଃସୃତ ଧ୍ୱନି ସକାରାତ୍ମକ ଉର୍ଜା ସଞ୍ଚାର କରିଥାଏ।

**ବୈଜ୍ଞାନିକ ମହତ୍ତ୍ୱ:** ରୁପା ପାଉଁଜୀର ଯେ କେବଳ ଆଧାତ୍ମିକ ମହତ୍ତ୍ୱ ଅଛି ତାହା ନୁହେଁ ବିଜ୍ଞାନ ବି କହେ ରୁପା ପାଉଁଜି ପିନ୍ଧିବାର ଅନେକ ଉପକାରିତା ଅଛି। ଯେମିତି କି ଏହାକୁ ପିନ୍ଧିଲେ ରକ୍ତ ସଞ୍ଚାର ଭଲଭାବେ ହୁଏ। ତା'ସହ ପାଦର କଷ୍ଟ କମେ। ହାଡ଼ ମଜଭୁତ ହୁଏ। ଏହା ବି କୁହାଯାଏ ରୁପା ପାଉଁଜି ପିନ୍ଧିଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ। ଏହାପଛର ବୈଜ୍ଞାନିକ କାରଣ ହେଉଛି ପାଦ ଦେଇ ବାହାରୁଥିବା ଶରୀରର ବିଦ୍ୟୁତ୍ ଶକ୍ତିକୁ ପାଉଁଜି ବାହାରକୁ ବାହାରିବାକୁ ଦେଇ ନ ଥାଏ। ଫଳରେ ଆମ ଶରୀର ସବୁବେଳେ ସକାରାତ୍ମକ ଶକ୍ତି ଦ୍ୱାରା ଚାର୍ଜ ହୋଇ ରହେ ; ଯାହା କି ଆମର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାର କାମ କରେ। ମହିଳାଙ୍କ ଶରୀରରେ ପ୍ରାୟତଃ ହରମୋନ୍‌ର ସ୍ତର ବିଗୁଡ଼ୁଥିବା ଦେଖାଯାଏ। ଯାହାଫଳରେ ଇନ୍‌ଫର୍ଟିଲିଟି ଓ ଋତୁସ୍ରାବ ଅନିୟମିତ ହେବା ଭଳି ସମସ୍ୟା ଆସିଥାଏ। ଏମିତିରେ ରୁପା ପାଉଁଜି ପିନ୍ଧିଲେ ଶରୀରର ହରମୋନ ନିୟନ୍ତ୍ରିତ ହୋଇ ରହିବାରେ ସହାୟକ ହୁଏ।

ମହିଳାଙ୍କ ଜୀବନ ସାଧାରଣତଃ ଧାଁ ଦଉଡ଼ଭରା ହୋଇଥାଏ। ଏମିତିରେ ପାଦରେ ପାଉଁଜି ପିନ୍ଧିଲେ ଏହାଦ୍ୱାରା ଗୋଡ଼ର ଆକ୍ୟୁପ୍ରେସର ପଏଣ୍ଟ ପ୍ରେସ୍ ହୋଇଥାଏ। ଫଳରେ ଗୋଡ଼ର ଯନ୍ତ୍ରଣା ଅନେକାଂଶରେ କମେ। ଆଉ ଆରାମ ମିଳେ। ବିଜ୍ଞାନ ଏହା ବି କହେ ଅଣ୍ଟାରୁ ତଳଭାଗରେ ରୁପା ପିନ୍ଧା ଯାଇଥିଲେ ଶରୀରର ତାପମାତ୍ରା ସାମାନ୍ୟ ରହେ। କାରଣ ଅନ୍ୟ ଧାତୁ ଅପେକ୍ଷା ଏହା ଅଧିକ କ୍ରିୟାଶୀଳ। ଏହା ପୃଥିବୀର ଉର୍ଜା ସହ ସହଜରେ ରିଆକ୍ଟ କରିଥାଏ। ସେଥିପାଇଁ ମହିଳାଙ୍କୁ ପାଦରେ ପାଉଁଜି ପିନ୍ଧିବାକୁ କୁହାଯାଏ। ଏହାବାଦ ଶରୀର ରୁପା ସଂସ୍ପର୍ଶରେ ରହିଲେ ରକ୍ତଚାପ ନିୟନ୍ତ୍ରିତ ରହେ। ସେଇଥିପାଇଁ ବୋଧେ ପାଉଁଜିକୁ ଷୋଳ ଶୃଙ୍ଗାରର ଏକ ପ୍ରମୁଖ ଅଂଶ କରାଯାଇଛି।



# ପଢ଼ାଇବା ନିଶାରେ ନାରାୟଣୀ



**ବ**ୟସ ପାଖାପାଖି ୭୦ ବର୍ଷ। ଆଖିକୁ ଦିଶିବା କମି ଗଲାଣି। ଚମ ଧୁଡୁ ଧୁଡୁ ହୋଇଗଲାଣି। ହେଲେ କମିନି ତାଙ୍କର ମନୋବଳ କି ପିଲାମାନଙ୍କୁ ପଢ଼ାଇବାର ନିଶା। ଏଇ ବୟସରେ ବି ସେ ପ୍ରତିଦିନ ୨୫ କି.ମି. ଚାଲି ଚାଲି ଯାଆନ୍ତି ପିଲାଙ୍କୁ ପଢ଼ାଇବା ଲାଗି। ସେ ହେଉଛନ୍ତି କେରଳ, କାସରଗୋଡର କେଭି ନାରାୟଣୀ। ନିଜ ଅଞ୍ଚଳରେ ସେ ବେଶ୍ ପରିଚିତ ନାରାୟଣୀ ଶିକ୍ଷୟିତ୍ରୀ ଭାବେ। ଦୀର୍ଘ ୫୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ସେ କାସରଗୋଡ ଅଞ୍ଚଳର ବିଭିନ୍ନ ଘର ବୁଲି ବୁଲି ପିଲାଙ୍କୁ ପଢ଼ାଉଛନ୍ତି। ତାଙ୍କର ଦିନ ଆରମ୍ଭ ହୁଏ ସକାଳ ୪ଟା ୩୦ରୁ। ଚାଲି ଚାଲି ସେ ପ୍ରଥମ ଘରେ ପଢ଼ା ଆରମ୍ଭ କରନ୍ତି ୬ଟା ୩୦ରେ। ଏହାପରେ ସେ ଆହୁରି ଅନେକ ଘର ଚାଲି ଚାଲି ଯାଆନ୍ତି ଓ ପିଲାଙ୍କୁ ପଢ଼ାନ୍ତି। ରାତି ହେଲେ ନିଜ ଘରକୁ ଫେରନ୍ତି। ଏମିତି ସେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲି ଚାଲି ଯାଇ ପଢ଼ାଇବା ଜାରି ରଖିଛନ୍ତି। ନାରାୟଣୀ ୧୯୭୧ ମସିହାରେ ୧୦ମ ଶ୍ରେଣୀ ପାସ୍ କରିଥିଲେ। ସେ କେବେ କଲେଜରେ ପଢ଼ି ନାହାନ୍ତି। ତଥାପି ତାଙ୍କର ଅନେକ ବିଷୟ ଉପରେ ଭଲ ଜ୍ଞାନ ରହିଛି। ଇଂଲିଶ, ହିନ୍ଦୀ, ମାଲାୟଲମ, ସଂସ୍କୃତ ଆଦି ଚାରୋଟି ଭାଷା ଜାଣିଛନ୍ତି। ମାତ୍ର ୧୫ ବର୍ଷ ବୟସରୁ ସେ ପଢ଼ାଇବା ଆରମ୍ଭ କରିଥିଲେ। ଯଦିଓ ସେ କୌଣସି ସ୍କୁଲରେ ବିଧିବଦ୍ଧ ଶିକ୍ଷକଭାବେ ନିଯୁକ୍ତି ପାଇ ନାହାନ୍ତି, ତଥାପି ସେ ପିଲାଙ୍କୁ ପଢ଼ାଇବା ଜାରି ରଖିଛନ୍ତି। ସେଇ ଟ୍ୟୁଶନ ଟଙ୍କାରେ ସେ ଘର ଚଳାନ୍ତି। ଆଉ ଶଯ୍ୟାଶାୟୀ ସ୍ୱାମୀଙ୍କ ଯତ୍ନ ନିଅନ୍ତି।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ସଫେଇ

ଚାରୁ ଓ ଚରଣ ଶିକ୍ଷିତ ନ ଥିଲେ। ବାହାଘର ଚଉଦ ବରଷ ବିତିଯାଇଥିଲେ ସୁଦ୍ଧା କୋଳରେ ଛୁଆ ବକଟେ ଭଗବାନ ଦେଇ ନ ଥିଲେ । ତଥାପି ସେମାନେ ଭାରି ହସଖୁସିରେ ଥିଲେ । ଦୁନିଆର ହାଲ୍‌ଚାଲ୍ ଠିକ୍‌ରେ ଠଉରେଇ ପାରିଥିଲେ। ତାଙ୍କୁ ଯେବେ କିଏ କହୁଥିଲା, ଛୁଆ ନ ଥାଇ ଦୁଃଖ ତମର ଆସୁନାହିଁ କି ପିଲା ହେବାକୁ ଚେଷ୍ଟା କରୁନ କ'ଣ ପାଇଁ ? ହସି ହସି କହନ୍ତି – ଭଗବାନ ଯାହା କରନ୍ତି... ପ୍ରାଣୀର ମଙ୍ଗଳ ପାଇଁ। ଝିଅ ଯେବେ ହୋଇଥାନ୍ତା, ହୁଏ ତ ପାଠ ପଢ଼ିବାକୁ ଯାଇ, ନଇଲେ ଚାକିରି କାଳରେ କୋଉ ରାକ୍ଷସମାନଙ୍କ ଦ୍ୱାରା ଭୟଙ୍କର ଦୁଷ୍କର୍ମର ଶିକାର ଯେ ହୋଇ ନ ଥାନ୍ତା କିମ୍ବା ପୁଅ ହୋଇଥିଲେ ନିଶାଖୋରଙ୍କ ପାଲରେ ପଡ଼ି ଅମଣିଷ କି ଦୁଷ୍କର୍ମକରି ନ ଥାନ୍ତା... ଏ କଥା କିଏ କହିବ ? ତା' ଛଡ଼ା ପୁଅ ଯୋଗ୍ୟର ହୋଇଥିଲେ, ଆମକୁ ଦିନେ ଜରାଶ୍ରମରେ ଛାଡ଼ି ନ ଥାନ୍ତା, ତା'ର କୋଉ ଗ୍ୟାରେଣ୍ଟି ! ଦୁନିଆରେ କିଏ ହାତ ସଫେଇ, କିଏ କଥା ସଫେଇ, କିଏ ବ୍ୟଥା ସଫେଇ ତ କିଏ ମଥା ସଫେଇକରି ଚଳୁଛନ୍ତି ! ହେଲେ ଆମେ ଗିରସ୍ତ–ଭାରିଯା ନିଇତି ମ୍ୟୁନିସିପାଲିଟିର କର୍ମଚାରୀ ବୋଲି ସହର ସାରା ମଇଳା ସଫେଇକରି ଚଳୁଛୁ। ପରିବେଶ ସାଙ୍ଗରେ ଆମ ମନକୁ ବି ସଫା ରଖୁଛୁ। ଗର୍ବ କରୁଛୁ।

ଚମତ୍କାର ଜ୍ଞାନ ! ସତରେ ଚାରୁ ଠୁ ଚରଣ କେହି କାହାକୁ ଊଣା ନୁହନ୍ତି। ପିଲା ଛୁଆ ନ ଥିବାରୁ ଦୁହେଁ ଦୁହିଁଙ୍କୁ ଖାଲିବାପା, ଖାଲିବୋଉ ବୋଲି ଡାକାଡକି ହୁଅନ୍ତି। ସଞ୍ଜହେଲେ ଘରେ ବସି ସହରର ନାନା ଦେଖାଶୁଣା ଅନୁଭୂତି ବାଣ୍ଟନ୍ତି। ଚାରିଦିନ ତଳେ ଘଟିଥିବା ଘଟଣାକୁ ଚାରୁ, ଚରଣକୁ ଶୁଣେଇ କହିଲା... ହେ ଖାଲିବାପା ! ଶୁଣ ବା ! ମୁଁ ସାତ ନମ୍ବର ଗଳିରେ ସାହୁବାବୁଙ୍କ ଦୁଆରେ ଠିଆହୋଇ ଅଳିଆ ଆଣିବାକୁ ଯେମିତି ହୁଇସିଲ ମାରିଛି, ସାହୁଆଣୀ ତା' ବାବୁଙ୍କୁ ଆଦେଶ ଦେଲେ – ହଇହେ ! ଗଲ ଗଲ ଅଳିଆନେଇ ଚାରୁ ଗାଡ଼ିରେ ପକେଇ ଆସିବ ! ବାବୁ କହିଲେ, ତମେ ନେଇଯା... ! ମୁଁ ଗାଧୋଇ ସଫା ଡ୍ରେସ ପିନ୍ଧି ସାରିଲିଣି। ସାହୁଆଣୀ ଘଡ଼ଘଡ଼ି ମାରିଲା ବାଗିଆ ଗର୍ଜନ କରି କହିଲେ କ'ଣ ହେଲା ? ଯିବ ନା ଏଇନେ ଦେଖିବ ? ଏତିକିରେ ଷଣ୍ଢଭଳି ଦିଶୁଥିବା ସାହୁବାବୁ ଛେଳିପରି ମେଁ ମେଁ ହୋଇ ଅଳିଆ ଧରି ଆସୁଆସୁ ଗୁଣୁଗୁଣୁ ହୋଇ କହୁଥିଲେ... ଛି ମୋ ମରଦ ପଣିଆ ! ଗୋଟେ ସଫେଇ କର୍ମଚାରୀ କି ବାହା ହୋଇଥିଲେ, ବରଂ ଶାନ୍ତିରେ ଥାଆନ୍ତି। ମତେ ସାହୁବାବୁ କହିଲେ, ହେ ଚାରୁ ! ତୁ ତୋ ଘର ପାଇଟି ସାରି ସହରର ସବୁଦୁଆରୁ ଅଳିଆ ଓଲେଇ ନେଉଛୁ ଟି? ତୁ କ'ଣ ତୋ ସ୍ୱାମୀ କି ଏମିତି ହୁକୁମ ଦେଉ ? ଚରଣ କହିଲା ଆଲୋ ଖାଲିବୋଉ, ତୁ ସେ ବାବୁଙ୍କୁ କ'ଣ କହିଲୁ? ଚାରୁ କହିଲା.. ନାଇଁ ବା, ମୁଁ କାହିଁ କ'ଣ କହିବି ? ଖାଲି ଏତିକି କହିଲି, ମୋର ଯୋଉ ସୁନ୍ଦର ରୂପ ଯଉବନ, ମୋ ବାପା–ବୋଉ ସିନା ମୋତେ ପାଠ ପଢ଼େଇ ତମ ଭଳିଆ ବଡ଼ ଚାକିରିଆ ବାବୁଙ୍କୁ ବାହା ଦେଇଥିଲେ, ମୁଁ ହାକିମାତି କରିଥାନ୍ତି ! ମଲା, ଏତିକି ଶୁଣି, ହାଉହାଉ ହଉଥିବା ସାହୁବାବୁ ଝଅଟକି ଘରେ ପଶି ଫଅଟକିନା କବାଟ କିଳିଦେଲେ ।

ହେଇଟି ଖାଲିବୋଉ,! ତୋ କଥାତ କହିଲୁ। ଏବେ ମୋ କଥା ଶୁଣ ! କେଇଦିନ ତଳେ ମୁଁ ଯୋଉ ଗଳିକୁ ଅଳିଆ ଆଣିବାକୁ ଯାଉଥିଲି, ସେଇ ଗଳିର ଜଣେ ବଡ଼ ସାହାବଙ୍କ ଘରେ ଚୋରି ହେଲା। ଗୁପ୍ତ କ୍ୟାମେରାରେ ଦେଖି ଶେଷରେ ଚୋରକୁ ଧରିଲେ। ଯେତେବେଳେ ଲୋକେ ତାକୁ ପିଟି ପଚାରିଲେ, ହଇରେ, ଚୋରି କରୁଛୁ ତତେ ଲାଜ ମାଡୁନି ? ଖଟି କି ନ ଖାଇ ପରଧନକୁ ଲୁଟୁଛୁ ? ଚୋର ସଫେଇଦେଲା... ଏଁ, ମୁଁ ଏମିତି କି ପାପକାମ କଲି ଯେ, ମତେ ଲାଜ ଲାଗିବ ? ମୁଁ ବି ହକ ରାତି ଉଜାଗର ରହି, ରିସ୍କ ନେଇ, ଖଟିକି ଧନ କମାଉଛି ନା ! ଆଛା ଯୋଉ ବାବୁଙ୍କ ଘରେ ପଶିଥିଲି, ତାଙ୍କ ଘରେ ଯେତିକି ସୁନା ଗହଣା, ଟଙ୍କା ବିଡା ଦେଖିଲି, ସେ ତାଙ୍କ ଅସଲ ଦରମାର ଶହେ ଗୁଣ ହେବ। ସେ ଯୋଉ ପୁଣ୍ୟ କରି ଏସବୁ ଅର୍ଜିଛନ୍ତି, ସେହି ପୁଣ୍ୟ ଅର୍ଜନରୁ ମୋର ଟିକେ ଛିଣ୍ଡେଇ କି, ଅଳପ ହଉ ବରଂ ତାଙ୍କ ଭଳିଆ ପୁଣ୍ୟ ଅର୍ଜିବାକୁ ଭାରି ଇଚ୍ଛାହେଲା ତ, ସେଇଥିପାଇଁ ପଶିଥିଲି। ଆପଣମାନେ ମୋ ଭଳି ପୁଣ୍ୟାତ୍ମାକୁ ଚୋର କହି ଅପମାନିତ କରିବା.. କ'ଣ ଠିକ ହେଉଛି ? ଆଉ ସେ ବାବୁ ଯେତେ ପାପ କରମରେ ଧନ ଅର୍ଜିଛନ୍ତି, ମୁଁ ସେଥିରୁ କିଛି ନେଇ, ତାଙ୍କ ପାପଭାର କମେଇବା କ'ଣ ମୋର ଭୁଲ୍ ? ଆପଣ ତ ଜ୍ଞାନୀ, ବିଚାର କରନ୍ତୁ ! ତା କଥା ଶୁଣି ସମସ୍ତେ ଆଁ କରି ତା' ମୁହଁକୁ ଘଡ଼ିଏ ଅନେଇ ରହିଲେ। ମୁଁ ସେଇଠୁ ପଳେଇ ଆସିଲି। ଆସୁ ଆସୁ ବାଟରେ ଦେଖିଲି ଗୋଟେ ମ୍ୟାଜିକ୍‌ବାଲା ଜଣଙ୍କଠୁ ଦଶଟଙ୍କିଆ ନୋଟ ନେଇ ଯୋଡ଼େ ପାଞ୍ଚ ଶହ ଟଙ୍କିଆ ନୋଟ କରିଦେଲା। ମୁଁ ତାକୁ କହିଲି ଭାଇ, ଯେବେ ଦଶଟଙ୍କାକୁ ତେମେ ହଜାରେ କରିଦେଲ, ତେବେ ବାରଦୁଆର ବୁଲି ଏମିତି ଭିକ ମାଗିଲା ପରି ରୋଜଗାର କିଆଁ କରୁଛ ? ଆପେ ଘରେ ବସି କି ତ ମେଜିକ ବଳରେ ବହୁତ କମାନ୍ତ !



ସେ ଚୁପ କିନା ମୋ କାନରେ କହିଲା ... ସେମିତି ହେବନି। ଏସବୁ ହାତ ସଫେଇ। ସେମିତି ଯଦି କରିହେଉଥାଆନ୍ତା, ତେବେ ମତେ କ'ଣ ଖରା..ତରାରେ ବୁଲିବାକୁ ପଡ଼ନ୍ତା ?

– ହେଇଟି ଖାଲିବାପା ! ତେମେ ସେ ଖବର ଜାଣିଛ ନା ନାହିଁ ? ଗୋଟେ ଛୁଆ ଇସ୍କୁଲକୁ ଯାଉଯାଉ ଜଣେ ବାବୁଙ୍କ ଦୁଆରେ ନାଲି ଛିଣ୍ଡାଗୁଡ଼ି ଗୋଟେଇବାବେଳେ, ତାଙ୍କର ଭାଲୁଆ କୁକୁର ଘରୁ ଭୋ ଭୋ ଭୁକି ପିଲାଟାକୁ କାମୁଡ଼ି ଖଣ୍ଡିଆ ଖାବରା କରିଦେଲା। ତା' ବିକଳ କାନ୍ଦଶୁଣି କିଏ ତା' ମା–ବାପକୁ ଖବର ଦେଲାରୁ ସେମାନେ ଆସି ସେ ବାବୁଙ୍କୁ କହିବାରୁ, ବାବୁଆଣୀ ବାହାରିଆସି ଓଲଟା ଧମକେଇ ସଫେଇଦେଲେ... ତାଙ୍କ ଟାଇଗର କୁଆଡେ ଭାରି ଶାନ୍ତ ସୁଧାର। ସେ କାହାକୁ କାମୁଡ଼େନି। ତମ ଛୁଆ ବଡ଼ ଦୁଷ୍ଟ। ସେ ତା' ସାଙ୍ଗରେ ଲାଗିବାରୁ ଏମିତି ଫଳ ପାଇଲା। ଯାଅ, ଘାଇଲା ଦୁଷ୍ଟ ଛୁଆକୁ ଶୀଘ୍ର ମେଡିକାଲ ନେଇଯାଅ। ହଁ, ତାକୁ କହିବ.. ଆଉ ଆମ ଦୁଆର ଦେଇ କେବେ ଯିବନି। ଯଦି ଯାଏ, ଯାହାହେବ... ଆମକୁ ଦୋଷ ଦେବନି। ଆଃ.. କି ଦୟାବନ୍ତ ବାବୁଆଣୀ !

ଏଥର ଚରଣ କହିଲା ଶୁଣ ଖାଲିବୋଉ, ଏଇ ଗଲା ଅଗଷ୍ଟ ପନ୍ଦର କଥା। ମୁଁ ଗୋଟାଏ ସ୍କୁଲ ପାଖକୁ ଯାଇ ଅଳିଆଗାଡ଼ି ଠିଆକରି ଦେଖୁଥାଏ ଆମ ଜାତୀୟପତାକା ଉତ୍ତୋଳନ କେମିତି ହୋଇ ଜାତୀୟ ସଂଗୀତ ଗାନହେବ। ଏଇବେଳେ ଜଣେ ହାରୁନେତା, ନିମନ୍ତ୍ରିତ ବକ୍ତା ହୋଇ ଆସିଥିଲେ। କାରଣ ଜିତିଥିବା ନେତାଙ୍କ ଭାଉ ବହୁତ ଥିବାରୁ, ସେମାନେ ବଡ଼ବଡ଼ ଜାଗାରେ ନିଯୁକ୍ତ ସେଦିନ ଥାଆନ୍ତି। ନେତା କୁଆଡ଼େ ଭଣଜା ଲେଖା ହିସାବରେ ହେଡ୍‌ସାରଙ୍କୁ ଆଗୁଆ କହିଥିଲେ ତାଙ୍କୁ ଡାକିବାକୁ। ହଉ ଛାଡ଼ ସେକଥା। ଅସଲକଥା ହେଲା, ସେଇଠି ହାରୁନେତା କହିଲେ, ସମସ୍ତଙ୍କୁ ଯେ ଆମେ ଆଜି ନିଆରା ପ୍ରକାରେ ପତାକା ଉତ୍ତୋଳନ କରିବା। ତାଙ୍କ କହିବାକଥା ଦେଶ ଢେର ବରଷ ହେଲା ସ୍ୱାଧୀନ ହେଲାଣି । ମାତ୍ର ଏଯାଏ ଚଷାଭାଇଙ୍କୁ ସମ୍ମାନ ମିଳୁନି। ତେଣୁ ଆମେ ଜଣେ ଖାଣ୍ଟି ଚଷାଭାଇଙ୍କ ହାତରେ ଜାତୀୟ ପତାକା ଉତ୍ତୋଳନ କଲେ, ତାଙ୍କୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ଆମେ ବି ନିଜକୁ ଗୌରବାନ୍ୱିତ ମନେକରିବା। ହେଡ୍ ସାଆରେ କହିଲେ, ମାମୁ ! ସହରରେ ଖାଣ୍ଟି କୃଷକ ଭାଇ ପାଇବା କାହିଁ ? ନେତା କହିଲେ 'ଜୟ ଯବାନ.. ଜୟ କିଷାନ' ଏଇ ସ୍ଲୋଗାନ ବୃଥା ଯିବନି। ଅନୁସନ୍ଧାନ କର। କୋଉଠୁ କାହାକୁ ଧରିଆଣ । ନଇଲେ ଜଣକୁ ଚଷା ବେଶ କରେଇ ପତାକା ଡୋର ଧରେଇ ଟାଣିବାକୁ କୁହ। ଏତିକି ବେଳେ ଉପସ୍ଥିତ ଥିଲେ ସମିତି ସଭ୍ୟାଙ୍କ ଅରିଜିନାଲ ସ୍ୱାମୀ । ପତ୍ନୀ–ସଭ୍ୟା କେଉଁଆଡେ ଯାଆନ୍ତିନି କି କିଛି କରନ୍ତିନି ସିନା ହେଲେ ସବୁଠି ତାଙ୍କ ହଜବ୍ୟାଣ୍ଡ ହାଜିରା ପକାନ୍ତି। ସେ ପାଟିକରି କହିଲେ, ସାଆରେ ! କାଲି ଆସିଛନ୍ତି ମୋ ଶଶୁରେ। ସିଏପରା ଖାଣ୍ଟି ଗାଉଁଲି ଚଷା। ସେ ଥାଉଁ ଥାଉଁ କିଆଁ ଡୁପ୍ଲିକେଟ ଠିଆକରେଇ ହେବା ଲୋକହସା ! ନେତା ଆଦେଶିଲେ.. ଯାଅ ! ଶୀଘ୍ର ତାଙ୍କୁ ନେଇଆସ। ବିଚରା ଚଷା–ଶଶୁରଙ୍କୁ ଅଣାଗଲା– ଆଣ୍ଠୁ ଉପରକୁ ଧୋତି ପିନ୍ଧାଇ, ମୁଣ୍ଡରେ ଗାମୁଛା ଠେକା ଭିଡ଼ି। ନେତାଙ୍କ ଆଦେଶରେ ଜାତୀୟ ପତାକା ଡୋର ଟାଣୁଟାଣୁ, ରଡ଼ି ଛାଡ଼ି ତଳେ କଚାଡ଼ିହୋଇ ପଡ଼ି କହିଲେ.. ଇରେ ମତେ ମାରିଦେଲେ ରେ..! ବୁଝି ବୁଝି ଜଣାଗଲା ସ୍କୁଲର ନୂଆ ପିଅନ, ଗୋଟା ଇଟା ପୂରେଇ ବାଉଁଶ ଅଗରେ ଜାତୀୟପତାକା କରିଥିଲା ବନ୍ଧନ। କାଳେ ସହଜରେ ପତାକା ବନ୍ଧନମୁକ୍ତ ହୋଇ, ସ୍ୱାଧୀନ ଭାବରେ ଉଡ଼ୁ ଫର ଫର ହେଇ। ହେଲେ ସେଇ ଇଟା ଚଷା–ଶଶୁରଙ୍କ ମୁଣ୍ଡକୁ ଘାଇଲା କଲା । ସମସ୍ତେ ତାଙ୍କ ଦେହ ଆଉଁସି ସେବା କଲାବେଳେ, ଏକୁଟିଆ ନେତା ସ୍ଥିର ଚିତ୍ତରେ ଠିଆ। କାରଣ ସେ ଭାଷଣ ଦେବାପାଇଁ ନିମନ୍ତ୍ରଣ ପାଇଥିଲେ। ସେଥିପାଇଁ ନଇଁ ନ ଥିଲେ କି ଛୁଇଁସିନା ନ ଥିଲେ, ମାତ୍ର 'ଜୟ ଯବାନ –ଜୟ କିଷାନ' ନାରା ଦେବାକୁ ଆଦୌ ଭୁଲି ନ ଥିଲେ। ଜାତୀୟ ସଂଗୀତ ଆରମ୍ଭ ପଦ ଓ ଶେଷପଦ ଗାଇ ସାରିଦେବା ଦେଖି କିଏ ଜଣେ କହିଲା, ସାଆରେ ! ଆଉ ମଝି ପଦ ସବୁ ଗଲା କୁଆଡ଼େ ? ନେତା ସଫେଇଦେଲେ... ତମେ ସମୟ ଜ୍ଞାନ ମୋ ଠୁ ଶିଖିବା ଦରକାର। ମୋର ବହୁ ଜାଗାରେ ଭାଷଣ କାର୍ଯ୍ୟକ୍ରମ ଥିବାରୁ, ଶର୍ଟକଟ୍‌ରେ ସାରୁଛି । ଆପଣ ମତେ ନିମନ୍ତ୍ରଣ କରିଥିବାରୁ ଧନ୍ୟବାଦ ଦେଉଛି। ତାଳି ମାରନ୍ତୁ, ମତେ ବିଦାୟ ଦିଅନ୍ତୁ। ଆଉ ଯୋଉଠିକି ଯିବି, ମଝିପଦ ଗାଇଦେବି, ମୋ ଉପରେ ଭରସା ରଖନ୍ତୁ ।

ଚାରୁ କହିଲା.. ହେ ଖାଲିବାପା ! ଆମେସିନା ସହରସାରା ସବୁ ଅଳିଆ, ସବୁ ମଣିଷଙ୍କ ଦୁଆରୁ ସଫା କରିପାରିଲେ, ହେଲେ ଆମେ କ'ଣ ? ଆମ ଚଉଦପୁରୁଷ ଝାଡୁମାରି ଅଳିଆ କଢ଼େଇ ଯେତେ ସଫେଇ କଲେ ବି ଏମିତିକା ମଣିଷ ମନକୁ କ'ଣ ସଫା କରିପାରିବା ?

–ମଙ୍ଗରାଜପୁର, ପୁରୀ, ମୋ:୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା



### ନଦୀର ନାମ ଚିତ୍ରୋତ୍ପଳା

**ସ୍ୱର୍ଣ୍ଣମୟୀ ଷଡଙ୍ଗୀ, ପ୍ରକାଶକ–ବନଫୁଲ, ଭୁବନେଶ୍ୱର, ମୂଲ୍ୟ–୨୧୦ଟଙ୍କା**

'ନଦୀର ନାମ ଚିତ୍ରୋତ୍ପଳା' ସ୍ୱର୍ଣ୍ଣମୟୀ ଷଡଙ୍ଗୀଙ୍କ କବିତା ସଂକଳନ। ଏଥିରେ ୭୭ଟି କବିତା ସ୍ଥାନ ପାଇଛି। ସତ୍ୟର ସ୍ୱର କବିତାରୁ ଆରମ୍ଭ ହୋଇ ତା' ବିକାଳିରେ ଶେଷ ହୋଇଛି। ଚିରସ୍ରୋତା, ପୁରାଣ ବର୍ଣ୍ଣିତା ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ ନାମରେ ପୁସ୍ତକର ନାମକରଣ ହୋଇଛି। ସେଥିରୁ କେତୋଟି କବିତାକୁ ଉଦାହରଣ ଭାବେ ନିଆଯାଇପାରେ। ଜୀବନ ଏମିତି ଏକ ଗଣିତ/ଯେତେ ମିଶେଇ ମିଶେଇ ଯାଅ/ଆପେ ଆପେ ଫେଡି ହୋଇଯାଏ/ଆଉ ଶେଷରେ ରହିଯାଏ ଶୂନ। ବାସ୍ତବରେ କବୟିତ୍ରୀ ଜୀବନର ଗଣିତକୁ ଏଠାରେ ନିଆରା ଭାବେ ଉପସ୍ଥାପନା କରିଛନ୍ତି। ସେହିପରି କରୋନା ଆସିଲା ପ୍ରଳୟ ରଚିଲା/ଥରହର ହେଲା ଧରା/ତଥାପି ଅବୁଝା ଏ ମଣିଷ ମନ/ ଧରାକୁ ମଣେ ସେ ସରା। ବାସ୍ତବରେ ମଣିଷ କରୋନାରେ କେତେ ଅସହାୟ ହୋଇ ପଡ଼ିଥିଲା। ସେ କଥା ମଣିଷ ଭୁଲି ପୁଣି ଏବେ ଧରାକୁ ସରା ମନେ କରୁଛି। ଏଭଳି ଅନେକ କବିତା ସ୍ଥାନ ପାଇଛି ଯାହା ବାସ୍ତବରେ ନିଆରା ଆଉ ପଠନଯୋଗ୍ୟ ।

### ସମୟର କଥନିକା

**ଡ.ସତ୍ୟ ରାୟ, ପ୍ରକାଶକ–ଡ଼ି.ଡ଼ି.ପ୍ରକାଶନୀ, ତଳତେଲଙ୍ଗା ବଜାର, କଟକ–୯ , ମୂଲ୍ୟ–୧୦୦ଟଙ୍କା**



'ସମୟର କଥନିକା' ଡ.ସତ୍ୟ ରାୟଙ୍କ ପୁସ୍ତକ। ଏଥିରେ ସାମ୍ପ୍ରତିକ ସମୟର କେତେକ ପ୍ରବନ୍ଧ ସଂକଳିତ ହୋଇଛି। ସେଥି ମଧ୍ୟରେ ଦୁର୍ନୀତିମୁକ୍ତ ଭାରତ ପାଇଁ ଲୋଡ଼ା ଆଉ ଏକ ସଂଗ୍ରାମ, ଚାଷୀଙ୍କ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ, ଦୁର୍ନୀତି ବିଲୁପ୍ତ ହେବାର ଗ୍ୟାରେଣ୍ଟି, ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତାର ଦିଗ୍‌ଦର୍ଶକ ଆଦି ଉଚ୍ଚକୋଟିର ପ୍ରବନ୍ଧ ସ୍ଥାନ ପାଇଛି। ଆମ ଚାରିପାଖରେ ପ୍ରତିଦିନ ଯେଉଁ ଘଟଣାମାନ ଘଟୁଛି ତାହାକୁ ନେଇ ରାୟ ତାଙ୍କ ଅଭିଜ୍ଞତା ଓ ଅନୁଭୂତିରୁ ଜଣେ ବରିଷ୍ଠ ଖବରଦାତା ଭାବେ ଉପସ୍ଥାପନା କରିଛନ୍ତି। ଯାହା ପାଠକଙ୍କ ପାଇଁ ଏକ ନିଆରା ଅନୁଭୂତି ଓ ଅନୁଭବ ଆଣିଦେବ। ପୁସ୍ତକରେ ଚାଷୀ, ସାହିତ୍ୟ, ଚିକିତ୍ସା ବିଜ୍ଞାନ, ରାଜନୀତି, ନିଶା କାରବାର, ଅନ୍ୟାୟ, ଦୁର୍ନୀତି, ଶୋଷଣ ଓ ଅତ୍ୟାଚାର ଆଦି ବିଭିନ୍ନ ବିଷୟରେ ଲେଖାମାନ ପ୍ରକାଶିତ ହୋଇଛି। ଯାହା ଆଗାମୀ ପିଢ଼ି ଲେଖିକା, ଲେଖକ ଓ ସାମ୍ବାଦିକତା କ୍ଷେତ୍ରରେ ରୁଚି ରଖୁଥିବା ପାଠକଙ୍କ ଦ୍ୱାରା ଆଦୃତ ହେବ।

# ସ୍ୱାମୀଙ୍କ ପାଇଁ ଡେ' କେୟାର

ଚାଇଲ୍ଡ ଡେ' କେୟାର ସିଷ୍ଟମ ଆଜିକାଲି ସହରରେ ବଢ଼ିବାକୁ ଲାଗିଲାଣି। କାରଣ କର୍ମଜୀବୀ ଦମ୍ପତି ଏଠି ପିଲାଙ୍କୁ ଛାଡ଼ିଦେଇ ନିଶ୍ଚିନ୍ତରେ ଅଫିସ୍‌କୁ ଯାଇ କାମ କରିପାରୁଛନ୍ତି। ତେବେ ଜାଣନ୍ତି କି ଏବେ ହଜ୍‌ବ୍ୟାଣ୍ଡ ଡେ' କେୟାର ସିଷ୍ଟମ ବି ଆସିଗଲାଣି। ଭାବୁଥିବେ ଇଏ ପୁଣି କ'ଣ ? କଥା କ'ଣ କି ସାଧାରଣତଃ ଗୃହିଣୀମାନଙ୍କର ଘର କାମ କରି କରି ସମୟ ବିତିଥାଏ। ଏହାଛଡ଼ା ସ୍ୱାମୀଙ୍କର ଟିକିନିଖି କଥା




ବି ବୁଝିବାକୁ ହୁଏ। ଅର୍ଥାତ୍ ପ୍ରାୟ ଭାରତୀୟ ସ୍ୱାମୀ ନିଜ ସ୍ତ୍ରୀଙ୍କ ଉପରେ ଏତେ ନିର୍ଭରଶୀଳ ହୋଇଥାନ୍ତି ଯେ, ସ୍ତ୍ରୀ ବିନା ମୁହୂର୍ତ୍ତେ ରହିପାରନ୍ତି ନାହିଁ। ପ୍ରତି କଥାରେ ସ୍ତ୍ରୀଙ୍କ ସାହାଯ୍ୟ ଲୋଡ଼ନ୍ତି। ଏମିତିରେ ବିଚରା ସ୍ତ୍ରୀଟି ନିଜ ପାଇଁ ସମୟ ବାହାର କରିପାରେନା। ସାଙ୍ଗସାଥୀଙ୍କ ସହ ଶପିଂ କି ଫିଲ୍ମ ଦେଖିବାକୁ ଯାଇପାରେନା। ଏହାକୁ ନଜରରେ ରଖି ହିଁ ଆରମ୍ଭ ହୋଇଛି ଏହି ହଜ୍‌ବ୍ୟାଣ୍ଡ ଡେ' କେୟାର ସିଷ୍ଟମ ; ଯେଉଁଥିରେ ସ୍ୱାମୀଙ୍କୁ ସ୍ତ୍ରୀମାନେ ଡେ' କେୟାର ସେଣ୍ଟରରେ ଛାଡ଼ି ଦେଇ ସାଙ୍ଗସାଥୀଙ୍କ ସହ ପାର୍ଲର, ଫିଲ୍ମ ଓ ଶପିଂ କରିବାକୁ ଯାଇପାରିବେ। ଖୁସିରେ ବୁଲିପାରିବେ। ଅନ୍ୟପକ୍ଷେ ହଜ୍‌ବ୍ୟାଣ୍ଡ ଡେ' କେୟାର ସେଣ୍ଟରରେ ସ୍ୱାମୀମାନଙ୍କ ଖାଇବା, ପିଇବା ବୁଝାଯାଏ। ଫଳରେ ସେ ଚିନ୍ତା ରହିବ ନାହିଁ। ବିଦେଶରେ ଏହି ହଜ୍‌ବ୍ୟାଣ୍ଡ ଡେ' କେୟାର ସିଷ୍ଟମ ବହୁ ଆଗରୁ ଅଛି। ଏଇ କିଛି ବର୍ଷ ହେବ ଏହା ଭାରତରେ ଆରମ୍ଭ ହୋଇଛି। ମହିଳାମାନେ ଏଥିରୁ ସୁଫଳ ପାଇବେ ବୋଲି ଆଶା କରାଯାଉଛି।

## ବ୍ୟାକ୍ ପେଜ୍



# ଫର୍ମୁଲା ରେସର୍ ସ୍ନେହା

ମୁମ୍ବାଇରେ ରହୁଥିବା ସ୍ନେହା ଶର୍ମା ନିଜ ସାହସ ଓ ଆତ୍ମବିଶ୍ୱାସ ବଳରେ ଭାରତର ସବୁଠାରୁ ଦ୍ରୁତଗାମୀ ରେସର୍‌ର ଆଖ୍ୟା ପାଇଛନ୍ତି। କଲିକତାରେ ଜନ୍ମିତ ସ୍ନେହା ପେସାରେ ପାଇଲଟ୍। ହେଲେ ଛୋଟବେଳୁ ତାଙ୍କର ରେସିଂ ପ୍ରତି ଭଲ ପାଇବା ଥିଲା। ତେଣୁ ପକେଟ୍ ମନି ସଞ୍ଚୟ କରି ସେ ପ୍ରଫେଶନାଲ ରେସିଂ ଦେଖିବାକୁ ଯାଉଥିଲେ। ଥରେ ସେ ଦୁଇଜଣ ପ୍ରଫେଶନାଲ ରେସର୍‌ଙ୍କୁ ତାଙ୍କୁ ଟ୍ରେନିଂ ଦେବା ପାଇଁ ଅନୁରୋଧ କଲେ। ନିଜ ପକେଟ୍ ମନି ସେମାନଙ୍କୁ ଦେଇ ତାଲିମ ବି ନେଲେ। ତାଲିମ ପାଇବା ପରେ ସେ ସିଟି ଲେଭଲ ରେସ୍‌ରେ ଅଂଶ ଗ୍ରହଣ କଲେ। ଏହାପରେ ତାଙ୍କୁ ଜାତୀୟ ରେସିଂ ଟିମ୍ ପାଇଁ ଚୟନ କରାଗଲା। ବହୁତ କମ୍ ବୟସରୁ ରେସିଂରେ କ୍ୟାରିୟର କରିଥିବା ସ୍ନେହାଙ୍କ ମାତାପିତା କିନ୍ତୁ ଏଭଳି ବିପଜ୍ଜନକ ନିଶାର ବିରୋଧୀ ଥିଲେ। ସ୍କୁଲ ପଢ଼ା ପରେ ମାତାପିତା ତାଙ୍କୁ ପାଇଲଟ୍ ଟ୍ରେନିଂ ପାଇଁ ସାନଫ୍ରାନ୍ସିସ୍କୋ ପଠାଇଦେଲେ। ୨୦୧୧ରେ ଲାଇସେନ୍ସ ପାଇ ସେ ଭାରତ ଫେରିଲେ। ପାଇଲଟ୍ ଭାବେ କାର୍ଯ୍ୟରତ ହେଲେ। ତେବେ ରେସିଂ ନିଶା ତାଙ୍କ ମନରୁ ଉତୁରି ନ ଥିଲା। ତେଣୁ ଛୋଟ ମୋଟ ରେସିଂରେ ଅଂଶ ଗ୍ରହଣ କଲେ। ସେ ଭାରତର ବଛାବଛା ୨୦ଜଣ ରେସର୍‌ଙ୍କ ସହ ଚେନ୍ନାଇ ଓ କୋଏମ୍ବାଟୁର ରେସିଂ ଟ୍ରାକ୍‌ରେ ନିଜର ବେଗ ଦେଖାଇଥିଲେ। ସେ ଭକ୍ସୱାଗନ୍ ସୋଲୋ କପ୍ ଓ ଟୟୋଟା ଇଏମ୍‌ଆର୍‌ରେ ବି ଅଂଶ ଗ୍ରହଣ କରିଛନ୍ତି। ମର୍ସିଡିଜ୍ ୟଙ୍ଗ ଷ୍ଟାର ଡ୍ରାଇଭ ପ୍ରୋଗ୍ରାମରେ ସେ ଟପ୍ ୫ ରେସର୍ ଭିତରେ ଥିଲେ। ଏହି ରେସ୍‌ରେ ସ୍ନେହା ଘଣ୍ଟା ପ୍ରତି ୨୭୦ କି.ମି. ବେଗରେ ଫର୍ମୁଲା ୪ ରେସିଂ କାର ଚଳାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ଗତ ବର୍ଷ ସେ ଲେଡିଜ କପ୍ ଇଣ୍ଟରନ୍ୟାଶନାଲରେ ଅଂଶ ଗ୍ରହଣ କରିଥିଲେ। ପୃଥିବୀର ୬୦୦ ଜଣ ପ୍ରତିଯୋଗୀଙ୍କ ଭିତରେ ସ୍ନେହା ଥିଲେ ଭାରତରୁ ଏକମାତ୍ର ପ୍ରତିଯୋଗୀ। ଏହି ରେସ୍‌ରେ ସେ ଦ୍ୱିତୀୟ ସ୍ଥାନ ପାଇଥିଲେ। ସ୍ନେହା ୨୧ ବର୍ଷ ବୟସରୁ ଏୟାରବସ୍ ୩୨୦ ଉଡ଼ାଉଛନ୍ତି।





# ସବୁଠୁ ବଡ଼ ସର୍ଫିଙ୍ଗ ବୋର୍ଡ



ସମୁଦ୍ର ବେଳାଭୂମିରେ ଦେଖିଥିବେ କିଛି ସର୍ଫର ସର୍ଫିଙ୍ଗ ବୋର୍ଡରେ ଠିଆ ହୋଇ ସମୁଦ୍ରର ଉତ୍ତାଳ ତରଙ୍ଗ ଉପରେ ସର୍ଫିଙ୍ଗ କରୁଥାନ୍ତି। ଯେତେବଡ଼ ଲହଡ଼ି ଆସିଲେ ବି ସେମାନଙ୍କ ମନରେ ନ ଥାଏ ତିଳେ ହେଁ ଭୟ। ବରଂ ଲହଡ଼ି ଯେତେ ବଡ଼ ହୁଏ ସେମାନେ ସେତେ ମଜାରେ ସର୍ଫିଙ୍ଗ କରନ୍ତି। ତେବେ ଦେଖିଥିବେ ଗୋଟିଏ ସର୍ଫିଙ୍ଗ ବୋର୍ଡରେ କେବଳ ଜଣେ ହିଁ ସର୍ଫିଙ୍ଗ କରନ୍ତି। ହେଲେ ଏମିତି ବି ଏକ ସର୍ଫିଙ୍ଗ ବୋର୍ଡ ଅଛି, ଯାହା ଏତେ ବଡ଼ ଯେ ତା' ଉପରେ ଏକାଥରେ ୬୬ଜଣ ଠିଆ ହୋଇ ସର୍ଫିଙ୍ଗ କରିପାରିବେ। କାଲିଫର୍ନିଆର ହଟିଂଟନ ବେଳାଭୂମିରେ ୨୦୧୫ରେ ଏହି ବିରାଟକାୟ ସର୍ଫିଙ୍ଗ ବୋର୍ଡରେ ୬୬ଜଣ ଏକାଥରେ ସର୍ଫିଙ୍ଗ କରିଥିଲେ। ସେ ଦୃଶ୍ୟ ବେଶ୍ ଅଜବ ଥିଲା। ସମୁଦ୍ରର ବଡ଼ ବଡ଼ ଲହଡ଼ିରେ ଏତେଜଣ ଲୋକ ସର୍ଫିଙ୍ଗ କରୁଥିବା ଦେଖି ଅନେକେ ଭୟଭୀତ ହେଇଯାଉଥିଲେ। ହେଲେ ଏହା ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସବୁଠାରୁ ଅଧିକ ଲୋକ ଗୋଟିଏ ସର୍ଫିଙ୍ଗ ବୋର୍ଡରେ ସର୍ଫିଙ୍ଗ କରିବାର ରେକର୍ଡ କରିଥିଲା।